
# ଆଖିର ଲୁଚକାଳି



ସହଦେବ ସାହୁ

# ଆଖିର ଲୁଚକାଳି

ଲେଖକ :
**ଶ୍ରୀ ସହଦେବ ସାହୁ** (ଆଇ. ଏ. ଏସ୍.)
କମିଶନର୍, ଲ୍ୟାଣ୍ଡ୍ ରେକର୍ଡ୍ସ୍ ଆଣ୍ଡ୍ ସେଟଲ୍‌ମେଣ୍ଟ, ଓଡ଼ିଶା

ବାଣୀ ବିକାଶ
ଓଡ଼ିଆ ବଜାର, କଟକ-୭୫୩୦୦୧

# ଆଖିର ଲୁଚକାଳି

ଲେଖକ :
ଶ୍ରୀ ସହଦେବ ସାହୁ (ଆଇ. ଏ. ଏସ୍.)

ପ୍ରଥମ ପ୍ରକାଶ—୧୯୮୯

ପ୍ରକାଶକ :
ବାଣୀ ବିକାଶ
ଓଡ଼ିଆ ବଜାର, କଟକ-୭୫୩୦୦୧

ମୁଦ୍ରଣ :
ସାରଳା ପ୍ରିଣ୍ଟର୍ସ
ଅଲିଶାବଜାର, କଟକ-୨

ମୂଲ୍ୟ—ଛଅଟଙ୍କା

# ସୂଚୀପତ୍ର



| ବିଷୟ | | ପୃଷ୍ଠା |
|---|---|---|
| ୧ । | ଆମେ ଦେଖୁଛୁ ବୋଲି ଭାବୁଛୁ | ୧ |
| ୨ । | ଦୃଷ୍ଟିକ୍ଷେତ୍ର | ୩ |
| ୩ । | ରାସ୍ତା ଲମ୍ବା, କିନ୍ତୁ ସମୟ କମ୍ ଲାଗିବ | ୧୩ |
| ୪ । | ଆମେ ଫଟୋଗ୍ରାଫକୁ କେମିତି ଦେଖିବା | ୧୪ |
| ୫ । | ସିନେମା ହଲ୍‌ରେ କେଉଁଠି ବସିବା ଉଚିତ | ୧୮ |
| ୬ । | ହାତଅଙ୍କା ଚିତ୍ର କପରି ଦେଖିବା | ୨୦ |
| ୭ । | କଳା ଓ ଗୋରା | ୨୧ |
| ୮ । | ଫଟୋ ଆମକୁ ଗୃହୁଁଛି | ୨୬ |
| ୯ । | ପାଣି ଭିତରେ କପରି ଦିଶେ | ୩୧ |
| ୧୦ । | ମଣିଷ ଏବଂ ଖୁରାଥିବା ପ୍ରାଣୀଙ୍କ ଦୃଷ୍ଟିକ୍ଷେତ୍ର | ୩୫ |
| ୧୧ । | ଆମ ଆଖିକୁ ଚିହ୍ନିବା ଦରକାର | ୩୮ |

# ଆମେ ଦେଖୁଛୁ ବୋଲି ଭାବୁଛୁ

ଅନେକ ସମୟରେ ଆମ ଆଖି ଆମ ସଙ୍ଗରେ ଲୁଚକାଳି ଖେଳେ । କେତେକ କହନ୍ତି ଆଖି ଆମକୁ ଠକାଇ ଦିଏ । ପୁଣି କଥାରେ ଅଛି, ଯାହା ନ ଦେଖିବ ଦୁଇ ନୟନେ, ପରତେ ନ ଯିବ ଗୁରୁ ବଚନେ । ସତକଥା ତା'ହେଲେ କ'ଣ ?


ଆମେ ଯାହା ଦେଖୁ, ତାହା ମୁଣ୍ଡ ଭିତରକୁ ଯାଏ । ଆମ ମସ୍ତିଷ୍କ ତାକୁ ବିଚାର କରେ । ଆମେ ଯାହା "ଦେଖୁଛୁ ବୋଲି ଭାବୁ" ତାହା "ଦେଖିଲୁ" ବୋଲି କହିଦେଉ । ଭାବିବାଟା ଦେଖିବାରେ ଲାଗିଯାଏ ।

ଛୋଟ ପିଲା ଭାବିବାର ଶକ୍ତି ପାଇ ନ ଥାଏ । ତେଣୁ ତା' ଆଖି ତା' ବିଚାରକୁ ତିଆରି କରେ ନାହିଁ । ବଡ଼ ହେଲେ ଆମ ମସ୍ତିଷ୍କ କାମ କରିବା ଆରମ୍ଭ କରେ । ଆମ କାନ ଯାହା ଶୁଣିଲା, ଆମ ଆଖି ଯାହା ଦେଖିଲା, ଆମ ନାକ ଯାହା ଶୁଙ୍ଘିଲା, ଆମ ପାଟି ଯାହା ଚାଖିଲା ଓ ଆମ ଚମ ଯାହା ଛୁଇଁଲା ସେସବୁର ଗୋଟିଏ ହିସାବ ମସ୍ତିଷ୍କରେ ହୁଏ । ତାପରେ ମସ୍ତିଷ୍କ ଆମକୁ ତା'ର ବିଚାର ଦିଏ ।



ଉପରେ ଗୋଟିଏ ସାଧାରଣ ଛବି ଦିଆଯାଇଛି । କଳାପଟା ଉପରେ ଧଳା ଗାର । କ'ଣ ଦେଖିଲ ବୋଲି ଭାବୁଛ ? ତୁମେ କହିବ, ଡାହାଣ ପାଖ ଗାରଗୁଡ଼ିକ ବେଶି ଜାଗା ମାଡ଼ିବସିଛି, ବାମ ପାଖ ଗାରଗୁଡ଼ିକ କମ୍ । କିନ୍ତୁ ମାପି ଦେଖ ଦୁଇଟାଯାକ ଏକା ଆୟତନର ବର୍ଗକ୍ଷେତ୍ର । ତାହାହେଲେ ଗୋଟେ ବଡ଼ ବୋଲି ଭାବିଲୁ କାହିଁକି ?

କାରଣ ବାମପାଖର ଛବିଟି କେତେ ଉଚ୍ଚ ମାପିବାବେଳେ ଆମେ ଗାର ଭିତରେ ଥିବା ଫାଙ୍କାକୁ ମନେ ମନେ ଯୋଡ଼ିଦେଉଛୁ । ତେଣୁ ଛବିଟି ଡେଙ୍ଗା ଦେଖାଯାଉଛି । ସେହି କାରଣରୁ ଡାହାଣ ପାଖ ଛବିଟି ମୋଟା ଦେଖାଯାଉଛି ।



ଏ ଛବିଟିକୁ ଦେଖ । ଉପରେ ଯେଉଁ କାରଣ କୁହାଗଲା, ସେହି କାରଣରୁ ଏ ଛବିଟି ମଧ୍ୟ କମ୍ ଓସାର, ବେଶି ଉଚ୍ଚ ଦେଖାଯାଉଛି । କିନ୍ତୁ ମାପିଲେ ଦେଖିବ ଯେତିକି ଓସାର ସେତିକି ଉଚ୍ଚ ।

## ଭୁଲ ବି କାମରେ ଆସେ

ଆମ ଦେଖିବାରେ ଯେଉଁସବୁ ଭୁଲ ରହିଯାଉଛି ବୋଲି ଆମେ ଭାବୁଛୁ, ସେହି ଭୁଲକୁ ଦରଜୀମାନେ କାମରେ ଲଗାନ୍ତି । ପତଳା ଲୋକ ପାଇଁ ଆଡ଼ରେ ଗାର ପଡ଼ିଥିବା କପଡ଼ାର ସାର୍ଟ ତିଆରି କଲେ ସେ ଟିକେ ମୋଟା ଦେଖାଯିବ । ଉପରୁ ତଳକୁ ଗାର ପଡ଼ିଥିବା କପଡ଼ାରେ ସାର୍ଟ ତିଆରି କରି ପିନ୍ଧିଲେ ମୋଟା ଲୋକେ ପତଳା ଦେଖାଯିବେ ।

ଆମେ ୨ୟ ପୃଷ୍ଠାରେ ଯେଉଁ ଦୁଇଟି ଛବି କଥା ପଢ଼ିଲେ ଏ ତାହାର ଓଲଟା ହେଲା ନାହିଁ କି ? ଏହାର କାରଣ କ'ଣ ଜାଣିଛ ? ଖୁବ୍ ବଡ଼ ଜାଗାଟାଏ ଦେଖିଲେ, ପୁରା ଜାଗାଟା ଏକାଥରକେ ଦେଖିହୁଏ ନାହିଁ । ତେଣୁ ବଡ଼ଜାଗାଟା ମୋଟାମୋଟି କ'ଣ ଦେଖାଉଛି ଆମେ ସାଙ୍ଗେ ସାଙ୍ଗେ ଜାଣି ପାରୁନା । ଆମ ଆଖି ଆସ୍ତେ ଆସ୍ତେ ଗୋଟିଏ ଗାରରୁ ଆଉ ଗୋଟିଏ ଗାର ଆଡ଼କୁ ଆମେ ଆପେ ଟାଣି ହୋଇଯାଏ । ଆମ ଆଖିର ମାଂସପେଶୀ ଏମିତି ପରିଶ୍ରମ କରୁଥିବାବେଳେ ଯେଉଁଆଡ଼େ ଆମ ଆଖି ଯାଉଥାଏ, ସେହିଆଡ଼େ ଜିନିଷଟି ବଢ଼ିଯାଉଥିବାର ମନେହୁଏ । ଆମ ମସ୍ତିଷ୍କ ଏପରି ଭାବେ । ଆମେ ଯାହା ଦେଖିବୁ ବୋଲି ଆଶାକରୁ ତାହା ଚାହିଁଲାକ୍ଷଣି ମିଳେ ନାହିଁ । ଆଖି ବୁଲାଇ ବୁଲାଇ ପୁରା ଜାଗାଟା ସାରିଦେଲେ ହିଁ ଆମ ଧାରଣା ତିଆରି ହୁଏ ।


## ଦୃଷ୍ଟିକ୍ଷେତ୍ର

ଆଖି ପକାଇଲା କ୍ଷଣି ଯେତେ ବାଟ ବା ଆୟତନ ଦିଶେ, ତାହା ଆମର ଦୃଷ୍ଟିକ୍ଷେତ୍ର । ବଡ଼ ଜିନିଷଟିଏ ଦୃଷ୍ଟିକ୍ଷେତ୍ରର ବାହାରକୁ ଚାଲିଯାଏ । ଆଖିକୁ ଏ କଡ଼ରୁ ସେ କଡ଼କୁ ବା ଉପରୁ ତଳକୁ ବୁଲାଇ ଆମେ ଗୋଟିଏ ଦୃଷ୍ଟିକ୍ଷେତ୍ର ଉପରେ ଆଉ ଗୋଟିଏ ଦୃଷ୍ଟିକ୍ଷେତ୍ରକୁ ଲଦି ଦେଉ । ତେଣୁ ଗାରଥିବା ଛୋଟ ଚିତ୍ରରେ ଆଖି ପଡ଼ିଲାକ୍ଷଣି ଗାର ଭିତରର ଫାଙ୍କା ଆମକୁ ଛବି ବିଷୟରେ ଧାରଣା ଦିଏ । କିନ୍ତୁ ବଡ଼ ଛବିଟିରେ ଗାରର ଲମ୍ବ ହିଁ ଛବିର ଧାରଣା ଦିଏ ।

ଆଉ ଗୋଟିଏ ଛବି ଦେଖ । ଠିକ୍ ଆମ ଫୁଲକୁଣ୍ଡ ଭଳି । ଗାମଲାଟିର ତଳେ ଓ ଉପର ଧାରରେ ମୋଟରେ ତିନୋଟି ଅଣ୍ଡାକୃତିର ଗାର ଟଣା ହୋଇଛି । କୁଣ୍ଡରେ ଏହା ପ୍ରକୃତ ବୃତ୍ତ ହୋଇଥିଲେ ମଧ୍ୟ ଛବିରେ ଅଣ୍ଡାକୃତି ଦିଶୁଛି । ଏଠି ପ୍ରଶ୍ନ ତା ନୁହେଁ । କହିଲ ଦେଖି ଉପରରେ ଥିବା ଭିତରର ଅଣ୍ଡାକୃତି ବୃତ୍ତ ବଡ଼ ନା କୁଣ୍ଡର ତଳେ ଥିବା ଅଣ୍ଡାକୃତିର ବୃତ୍ତଟି ବଡ଼ ? ଆଖିକୁ ତ ତଳଟା ବଡ଼ ଦିଶୁଛି, ନୁହେଁ ?

କିନ୍ତୁ ସ୍କେଲ ପକାଇ ଦେଖିଲେ ତୁମେ ଜାଣିପାରିବ ଯେ ଦୁଇଟି-ଯାକ ସମାନ ।


ଏହାର କାରଣ କ'ଣ ? ଉପର ଦୁଇଟି ବୃତ୍ତ ଅଛି, ତହିଁରୁ ବାହାର ବୃତ୍ତଟି ବଡ଼ ହୋଇଥିବାରୁ ତା ତୁଳନାରେ ଭିତର ବୃତ୍ତଟି ଛୋଟ ମନେହୁଏ ।



ଏହି ଭ୍ରମ ବଢ଼ିଯିବାର ଆଉ ଗୋଟିଏ କାରଣ ହେଉଛି ଯେ ଛବିଟି ଗୋଟିଏ କୁଣ୍ଡ ଭଳି ଦେଖାଯାଉଛି ସେଥିଯୋଗୁଁ ତାହାର ଲମ୍ବା, ଚଉଡ଼ା ଓ

ଉଚ୍ଚତା ଅଛି । ଆମ ମସ୍ତିଷ୍କ ଏହି ଡିମ୍ବାକୃତ ରେଖାକୁ ସମ୍ପୂର୍ଣ୍ଣ ବୃତ୍ତ ବୋଲି ଭାବିନିଏ ଏବଂ ଦୁଇ ପାଖର ଦୁଇଟି ବଙ୍କାଗାରକୁ କୁଣ୍ଡର ଧାର ବୋଲି ଧରିନିଏ । ଏହା ମସ୍ତିଷ୍କର କାମ । କିନ୍ତୁ ଆଖି କ'ଣ ତାହା ଦେଖୁଛି ? ଏହା କେବଳ ତିନୋଟି ଅଣ୍ଡାକୃତ ଓ ଦୁଇଟି ଛୋଟରେଖା ଗାର ଦେଖୁଛି । ଆଖି ଠିକ୍ ଥିବା ବେଳେ ମସ୍ତିଷ୍କ ଏହି ରେଖାଗୁଡ଼ିକ ଭିତରେ ଜିନିଷଟିକୁ ଖୋଜୁଛି ।

ଏଥର ଆଉ ଗୋଟିଏ ଛବି ଦେଖ । ଏଥିରେ ଦୁଇଟି କୋଣ ତିଆରି କରାଯାଇଛି । 'କ' ବିନ୍ଦୁଠାରୁ 'ଖ' ବିନ୍ଦୁର ଦୂରତା ଯେତେ 'ଗ' ବିନ୍ଦୁଠାରୁ 'ଘ' ବିନ୍ଦୁର ଦୂରତା ତା' ଠାରୁ କମ୍ ଜଣାଯାଉ ନାହିଁ କି ? ମସ୍ତିଷ୍କ ଆମକୁ ଏହା କହୁଛି । କାରଣ 'କ' ଓ 'ଖ' ମଝିରେ ଗୋଟିଏ ତୃତୀୟ ଗାର ଟଣା ଯାଇଛି । କିନ୍ତୁ ପ୍ରକୃତରେ 'କ' ରୁ 'ଖ' ଓ 'ଗ'ରୁ 'ଘ' ମଧ୍ୟରେ ଦୂରତା ସମାନ ।





ଆମ କଳ୍ପନାର ଶକ୍ତି ଆମେ ନିଜେ ବି କଳ୍ପନା କରିପାରୁ ନା । ଆଖି ଆମର ଏ କଳ୍ପନାକୁ ଖୋରାକ ଯୋଗାଏ । ପ୍ରକୃତରେ ଆମ ଆଖି ଯେତେ ଦେଖେ ନାହିଁ ଆମ ମସ୍ତିଷ୍କ ତା' ଠାରୁ ବେଶି ଦେଖେ । ଦେଖିବାରେ ଯେଉଁ ଭ୍ରମ ହେଉଛି ବୋଲି ଅନ୍ୟମାନେ କହନ୍ତି ତାହା ଏହି ମସ୍ତିଷ୍କର କଳ୍ପନାରୁ ଜନ୍ମ ।

ନଅ ପୃଷ୍ଠାର ଛବିଟିକୁ ଦେଖ ଓ ତୁମ ସାଙ୍ଗମାନଙ୍କୁ ଦେଖାଅ । କିଏ କ'ଣ ଦେଖୁଛି କୁହ । ଜଣେ କହିବ କାଗଜରେ ଭାଙ୍ଗ ଭାଙ୍ଗ ହୋଇ ତିଆରି କରା ହୋଇଥିବା ଗୋଟିଏ ପଟି ଧଳା କାଗଜରେ ମଡ଼ା ହୋଇଛି ।


ଆଉଜଣେ କହିବ ଏହା ଗୋଟିଏ ପାହାଚ ଛ ଅନ୍ୟ ଜଣେ କହିବ ଏହା କାନ୍ଥରେ ଖୋଳା ହୋଇଥିବା ଗୋଟିଏ କାମ ।

ସମସ୍ତଙ୍କ କଥା ଠିକ୍ । କିଏ କେଉଁ ପ୍ରକାରରେ ଆଖି ପକାଇବ ତା' ଉପରେ ତାହାର କଳ୍ପନା ତିଆରି ହୁଏ । ଚିତ୍ରଟିର ବାଁ ପାଖକୁ ଅନାଇଲେ ପାହାଚ ପାହାଚ ଦେଖାଯିବ । ଚିତ୍ରର ଡାହାଣରୁ ବାଁକୁ ଆଖି ବୁଲାଇଲେ କାନ୍ଥରେ ଖୋଳା ହୋଇଥିବା ଗୋଟିଏ କାମ ଭଳି ଦିଶିବ । ଯଦି ତଳୁ ଡାହାଣ କୋଣରୁ ଉପର ବାମ କୋଣ ପର୍ଯ୍ୟନ୍ତ ସିଧା ଆଖି ଉଠାଇବ ତେବେ ଗୋଟିଏ କାଗଜକୁ ଭାଙ୍ଗି କରି ନକ୍ସାଟିଏ କରାଯାଇଥିବା ଭଳି ଦେଖାଯିବ । ହଠାତ୍ ଅନେଇ ଦେଲେ ଆଖି



କାଢ଼ିନେଲେ ଏ ଛବିଟିରୁ ମାତ୍ର ଗୋଟିଏ ଛବି ଆମ କଳ୍ପନାରେ ଆସିଯିବ । କିନ୍ତୁ ବହୁତ ସମୟ ଧରି ଚାହିଁ ରହିଲେ ଥରେ ପ୍ରଥମ ଦୃଶ୍ୟ ଦେଖାଯିବ ତ ଆଉ ଥରେ ଦ୍ୱିତୀୟ ଦୃଶ୍ୟ ତ ଆଉ ଥରକୁ ତୃତୀୟ ଦୃଶ୍ୟ ଦେଖାଯିବ । ତୁମେ ଏଥିରୁ ଯେକୌଣସି ଗୋଟିଏ ଛବିଟିକୁ ଦେଖିବାକୁ ଚାହୁଁଥିଲେ ବି ଗୋଟିକ ଉପରେ ଅନ୍ୟଟି ଲଦିହୋଇ ପଡ଼ିବ ।


ଆଖିର ଲୁଚକାଳି ଖେଳବା ବା ସବୁ ପ୍ରକାର ଦୃଷ୍ଟି ଭ୍ରମକୁ ଆମେ ବୁଝାଇ ପାରୁନାହୁଁ । ମସ୍ତିଷ୍କ କିପରି କଳ୍ପନା କଲା ତାହା ବୁଝାଇବା ମଧ୍ୟ କଷ୍ଟ ହୋଇପଡ଼ୁଛି । ଏହି ଛବିଟି ଦେଖ ।



ସତେଯେପରି ଢୋଲଭଳି ଦୁଇଟି ଲେଖାଏଁ ପେଟୁଆ ଛବି ମୁହାଁମୁହିଁ ଅଛି । ଛବିଟି ଯେପରି ଫୁଲି ଉଠିଛି । ବାଁରୁ ଡାହାଣକୁ ଯାଇଥିବା ଦୁଇଟି ଗାର ସମାନ୍ତରାଳ ଦିଶୁ ନାହାନ୍ତି । କିନ୍ତୁ ସ୍କେଲଟିଏ ପକାଇ ମାପ, ଦେଖିବ, ସେ ଦୁଇଟି ସମାନ୍ତରାଳ । ବହିଟିକୁ ତଳେ ରଖି ଦେଖିଲେ ଉପର ଗାର ଯେପରି ଗୋଟିଏ ବୃତ୍ତର ଓ ତଳ ଗାର ଯେପରି ଆଉ ଗୋଟିଏ ବୃତ୍ତର ପରିଧିର ଅଂଶ ଭଳି ଦେଖା ଯାଉଛି । ଏହାର କାରଣ ଉପରୁ ତଳକୁ ଆସୁଥିବା ଗାରଗୁଡ଼ିକ ତେଢ଼ା ହୋଇଥିବାରୁ (ତାସର ଠିକଳି ଭଳି) ଆମ ଆଖିକୁ ଭୁଲ ଦିଶୁଛି ।


ବହିଟିକୁ ଟେକ ଧର । ଦୃଷ୍ଟିକୁ ନାକ ସିଧା କରେଇ ଧର, ଯେପରି ଗାର ଦୁଇଟି ଆଖିରୁ ବାହାରକୁ ଯାଉଥିବ । ଦେଖିବ, ଦୁଇଟି ଗାର ସମାନ୍ତରାଳ ଦିଶୁଛି । ଏହାର କାରଣ ସେତେବେଳେ ତେଢ଼ା ଗାରଗୁଡ଼ିକ ଭଲ କରି ଦିଶୁ ନାହାନ୍ତି । ତେଣୁ ଆଖିକୁ ଠକେଇ ପାରୁ ନାହାନ୍ତି ।

ଏ ଗୋଟିଏ ସରଳରେଖାକୁ ଭାଗ ଭାଗ କରା ହୋଇଥିବା ଚିତ୍ର । ଭାଗ ଭାଗକୁ ଚିହ୍ନଟ କରିବା ପାଇଁ ତୀର ଚିହ୍ନ ଦିଆଯାଇଛି । କେଉଁଠି ବାଁ । ମୁହାଁ ତୀର ତ କେଉଁଠି ଡାହାଣ ମୁହାଁ ତୀର । ପ୍ରତ୍ୟେକ ଭାଗ ସମାନ କି ? ତୁମେ ତ କହିବ ନା । ଅନ୍ତ ବେଶିରେ ତିନୋଟି ଭାଗ ସାନ ଆଉ




ତିନୋଟି ଭାଗ ବଡ଼ ବୋଲି କହିବ । କିନ୍ତୁ ମାପି ଦେଖ ସବୁ ଭାଗ ସମାନ । ତୀର ଚିହ୍ନଗୁଡ଼ିକ ବିପରୀତ-ମୁଖୀ ହୋଇଥିବାରୁ ଭିତର ପାଖରେ ଥିବା ଭାଗ ଛୋଟ ଦେଖା ଯାଉଛି, କାରଣ ଭାଗଟି ଦୁଇ ତୀର ଚିହ୍ନ ଦ୍ୱାରା ଘୋଡ଼େଇ ହୋଇ ପଡ଼ୁଛି । ଯେଉଁ ଭାଗଟି ଗୋଟିଏ ତୀର ମୁନରୁ ଆଉ ଗୋଟିଏ ତୀର ମୁନ ପର୍ଯ୍ୟନ୍ତ ଯାଇଛି ତା'ର ଉପର ତଳ ଫାଙ୍କା ଥିବାରୁ ବେଶି ଲମ୍ବା ଦିଶୁଛି ।

ତଳ ଛବି ସେହିଭଳି ମତିଭ୍ରମ କରୁଛି ।



ବାଁରୁ ଡାହାଣକୁ ଯାଇଥିବା ସବୁ ଗାରର ଲମ୍ବ ସମାନ । କିନ୍ତୁ ଛବିରେ ଗାରଗୁଡ଼ିକୁ ଓଲଟ'ମୋଲଟା କରି କଣ୍ଟା ଚିହ୍ନ ଦିଆଯାଇ ଥିବାରୁ ଗାରଗୁଡ଼ିକ ସିଧା ଦିଶୁ ନାହିଁ ଓ ଲମ୍ବ ବି କମ ବେଶି ଦେଖା-ଯାଉଛି ।

ଏ ଛବିଟିରେ ଗାରଟି ଗୁଡ଼ିଏ ପତ୍ର ଭିତରେ ଯାଇଥିବା ଭଳି ଦେଖାଯାଉଛି । ଯେମିତି ଗଣେଶ ପୂଜାରେ ଆମ୍ବପତ୍ର ଟଣାଯାଏ, ଗୋଟିଏ




ଗାର ଉପରେ ପତ୍ରର ଦିଗ ଯେମିତି ଅଛି, ଅନ୍ୟ ଗାରଟିରେ ତା'ର ଓଲଟା ଅଛି । ତେଣୁ ଗାରଗୁଡ଼ିକ ସମାନ୍ତରାଳ ଦେଖା ନ ଯାଇ ବଙ୍କା ବଙ୍କା ଦେଖାଯାଉଛି ।


ଏସବୁ ଗାରଗୁଡ଼ିକୁ ଯଦି ହଠାତ୍ ଟର୍ଚ୍ଚ ଟିପି ଦେଖିବ ସେଗୁଡ଼ିକ ସମାନ୍ତରାଳ ଦିଶିବ । କ୍ଷଣିକ ଆଲୋକ ଭିତରେ ଉପରେଇ ହୋଇଥିବା ଗାରଗୁଡ଼ିକ ଆମ ଆଖିକୁ ଠକାଇ ପାରନ୍ତି ନାହିଁ । ଆମ ଆଖି ସବୁଠୁ ବଡ଼ ଜିନିଷ ଅର୍ଥାତ୍ ଲମ୍ବା ଗାରଟିକୁ ପ୍ରଥମେ ଦେଖିନିଏ । ଏହାର ଅର୍ଥ ଆମର ଯେଉଁ ଭ୍ରମ ହୁଏ, ଗୋଟିଏ ଜାଗାରୁ ଆଉ ଗୋଟିଏ ଜାଗାକୁ ଆଖି ଚଳାଇ ନେବାରୁ ଏହା ଘଟିଥାଏ । ହଠାତ୍ ଟର୍ଚ୍ଚ ଟିପି ଲିଭାଇଦେଲେ ଆଖି ଏତେ ଶୀଘ୍ର ଏ ମୁଣ୍ଡରୁ ସେମୁଣ୍ଡ ଯାଇପାରେ ନାହିଁ । ତେଣୁ ଏକା ଥରକେ ପୂରା ଛବିଟିକୁ ଦେଖିବାକୁ ଚେଷ୍ଟା କରେ । ବହିଟିକୁ ତଳେ ନ ରଖି ପୃଷ୍ଠାଟିକୁ ନାକ ସିଧା ରଖିଲେ ତୁମେ ଦେଖିବ ଗାରଗୁଡ଼ିକ ମୋଟା

ଓ ସମାନ୍ତରାଳ ଦିଶୁଛନ୍ତି । କଣ୍ଟା କଣ୍ଟା ଦାଗ ବା ଯୋଡ଼ା ହୋଇଥିବା ପଟଗୁଡ଼ିକ ଅସ୍ପଷ୍ଟ ଦିଶୁଛନ୍ତି । ହଠାତ୍ ଚାହିଁ ମାରିଲେ ଏହିଭଳି ଦିଶିଥାଏ ।

ଏ ଛବିଟିରେ ଗୋଟିଏ ବୃତ୍ତ ଦିଆହୋଇଛି । କିନ୍ତୁ ବୃତ୍ତ ଭଳି ଦିଶୁଛି କି ? ସାମାନ୍ୟ ଅଣ୍ଡାକୃତି ହୋଇଥିବା ଭଳି ଦିଶୁନାହିଁ କି ?



ଏ ଛବିଟି ଦେଖ । ଠିଆ ଠିଆ ଗୁଡ଼ାଏ ଗାର ଟଣାଯାଇଛି ଓ ଡାହାଣ ପଟେ ଶୋଇଲା ଭଳି ଗୁଡ଼ାଏ ଗାର ଟଣା ଯାଇଛି । କହିଲ ଦେଖି—ବାଁ ପାଖର ଗାରଗୁଡ଼ିକ ଲମ୍ବା ନା ଡାହାଣ ପାଖ ଗାରଗୁଡ଼ିକ



ବେଶି ଲମ୍ବା । ତୁମକୁ ଜଣାଯାଉଥିବ ବାମ ପାଖ ଲାଇନଗୁଡ଼ିକ ଡାହାଣ ପାଖ ଲାଇନଗୁଡ଼ିକ ଠାରୁ ବେଶି ଲମ୍ବ । ସ୍କେଲରେ ମାପ, ଦେଖିବ ସେଗୁଡ଼ିକର ଲମ୍ବ ସମାନ ।


ତୁମେ ବହି ବା ପତ୍ରପତ୍ରିକା ପଢ଼ିଲାବେଳେ ସେଥିରେ ବହୁତ ଛବି ଦେଖୁଥିବ । ସେ ଛବିଗୁଡ଼ିକୁ କେବେ ନିଘେଇ ଦେଖିଛ ? ନିଘେଇ ଦେଖିଲେ, ସେଗୁଡ଼ିକ ଗୁଡ଼ାଏ ବିନ୍ଦୁରେ ତିଆରି ହୋଇଥିବାର ଦେଖିବ । ବିନ୍ଦୁଗୁଡ଼ିକ ପାଖାପାଖି ଥିଲେ କଳା ଓ ଦୂର ଦୂର ହୋଇଥିଲେ ଧଳା ଦିଶେ । ଯଦି ଖାଲି ଆଖିରେ ଦେଖି ନ ପାରୁଛ ପଢ଼ିବାକାଚ ବା ମାଗ୍ନିଫାଇଙ୍ଗ୍ ଗ୍ଲାସ୍‌ରେ ଦେଖ । ଯଦି ପଢ଼ିବା କାଚଟି ଚାରି ପାଞ୍ଚ ଗୁଣ ବଢ଼ାଇ ପାରୁଛି ତେବେ ଛବିଟିରେ ଟିପି ଟିପି ହୋଇ ଗୁଡ଼ାଏ ବିନ୍ଦୁ ଦେଖାଯିବ । ପୂରା ଛବିଟିକୁ ଖାଲି ଆଖିରେ ନ ଦେଖି ପଢ଼ିବା କାଚରେ ଦେଖିଲେ କେବଳ ଗୋଟିଏ ଗୋଟିଏ ଅଂଶ ଦେଖିହେବ । ପ୍ରତ୍ୟେକ ଅଂଶ ଗୁଡ଼ାଏ ବିନ୍ଦୁର ନକ୍ସା ଭଳି ଦେଖାଯିବ । ତେଣୁ ପୂରା ଛବିଟି କ'ଣ ଜାଣିହେବ ନାହିଁ ।

୫ ୩

୨

୧

୪



୧ । ହାଲୁକା ରଙ୍ଗ

୨ ଓ ୩—ବିବର୍ଦ୍ଧକ କାଚରେ ଦେଖିଲେ ସବୁ ବ୍ଲକ୍ ଏହିଭଳି ଦିଶିବ ।

୪ । ନାକ ଅଂଶ ଆହୁରି ବଡ଼ାଇ ବିବର୍ଦ୍ଧକ କାଚରେ ଦେଖିଲେ ଏହିଭଳି ଦିଶିବ ।

୫ । ଗାଢ଼ ରଙ୍ଗ । ବିନ୍ଦୁଗୁଡ଼ିକ ବଦଳରେ, ଯାଉଭଳି ସମତଳ ।


ଖାଲି ଆଖିରେ ଛବିଟି ଗୋଟିଏ ଜାଲିକାଲି ଭଳି ଦେଖାଯାଉଛି । ଯିଏ ଛବି ଆଙ୍କିଛି ଏଇଟା ତାର ଭୁଲ ବୋଲି ତୁମେ ଭାବିବ । କିନ୍ତୁ ବହିଟିକୁ ଟେବୁଲ ଉପରେ ଠିଆ କରାଇ ପାଞ୍ଚ ଛଅ ପାଦ ପଛକୁ ଘୁଞ୍ଚିଯାଅ, ସେଇଠୁ ଦେଖ, ଦେଖିବ ଛବିଟି ଗୋଟିଏ ମଣିଷର ଆଖି ଭଳି ଦିଶିବ ।

ଉପର ଛବିରେ ବିଭିନ୍ନ ପ୍ରକାରରେ ବିନ୍ଦୁଗୁଡ଼ିକୁ ଏକାଠି କଲେ କିପରି ରଙ୍ଗର ଗାଢ଼ତା କମ୍ ବେଶୀ ହୁଏ ତୁମେ ଜାଣିପାରିବ । ଛବିର ତଳ ଅଂଶକୁ ଖୁବ୍ ଦୂରରୁ ଦେଖିଲେ ଗୋଟିଏ ମଣିଷର ନାକ ଓ ପାଟି ଦିଶିବ ।

ଏ ପ୍ରକାର ଛବିକୁ ବହି ଛପାଇଲାବାଲାମାନେ ହାଫ୍-ଟୋନ କହନ୍ତି । ଟୋନ ମାନେ ଆଭାସ ବା ଆଭା । ରଙ୍ଗର ଅଧା ଅଧା ଆଭାସ ଦିଏ ବୋଲି ଏହାର ନାମ ହାଫ୍‌ଟୋନ୍ ହୋଇଛି । ଯେ କୌଣସି ଫଟୋଗ୍ରାଫ୍ କମ୍ବା ତୁଳୀରେ କରାହୋଇଥିବା ଚିତ୍ର ଦେଖିଲେ ତୁମେ ଜାଣିପାରିବ ତହିଁରେ କେବଳ ଗୋଟିଏ ମାତ୍ର ରଙ୍ଗ, କେଉଁଠି ଗାଢ଼, କେଉଁଠି ହାଲୁକା ବା କେଉଁଠି ମଧ୍ୟମ ଧରଣର ଦେଖାଯାଉଛି । ଚିତ୍ରକାର ଚିତ୍ରରେ ଏହିଭଳି ଗୋଟିଏ ରଙ୍ଗର ବିଭିନ୍ନ ଆଭାସ ଦେଇ ଚିତ୍ରଟିକୁ ସରସ କରିଥାଏ । ଫଟୋଗ୍ରାଫ୍‌ରେ ମଧ୍ୟ ଏହିଭଳି ଗୋଟିଏ ରଙ୍ଗର ବିଭିନ୍ନ ଆଭାସ ଅସିଥାଏ । ସେଗୁଡ଼ିକୁ ବହିରେ ଉତାରିବା ପାଇଁ ଯେଉଁ ଗ୍ଲୁଅ ବା ବ୍ଲକ୍ ତିଆରି କରାଯାଏ ତାକୁ ହିଁ ହାଫ୍-ଟୋନ୍ ବ୍ଲକ୍ କହନ୍ତି । ଏହି ବ୍ଲକ୍‌ଟିକୁ ମାଗ୍‌ନିଫାଇଙ୍ଗ୍‌ଗ୍ଲାସ୍‌ରେ ଦେଖିଲେ ତହିଁରେ କେବଳ ପୁଞ୍ଜା ପୁଞ୍ଜା ବିନ୍ଦୁ ଯୋଜାହୋଇଛି ଜାଣିପାରିବ ।

## ରାସ୍ତା ଲମ୍ବା, କିନ୍ତୁ ସମୟ କମ୍ ଲାଗିବ

କଟକରୁ ଧବଳେଶ୍ୱର ଯିବା ଉଦାହରଣ ନିଅନ୍ତୁ । ମହାନଦୀ ପାର ହୋଇ କିଛି ବାଟ ଚାଲିଲା ପରେ ଧବଳେଶ୍ୱର ପଡ଼ିବ । ନଦୀ ଭିତରେ ପାଣି, ନଦୀ ପାର ହେଲେ ପଡିଆ । "ଘ ଙ" ରେଖାଟି ନଦୀର ସୀମା ବୋଲି ଧର । କ କଟକ ଓ ଧ ଧବଳେଶ୍ୱର ବୋଲି ଧରନିଅ । ପଡ଼ିଆରେ ଚାଲିବାକୁ କିଲୋମିଟର ପ୍ରତି ଯେତେ ସମୟ ଲାଗିବ ନଦୀ ପାର ହେବାକୁ କିଲୋମିଟର ପ୍ରତି ତାଠାରୁ ଦୁଇଗୁଣ ସମୟ ଲାଗିବ । ତାହାହେଲେ ଆମେ କେଉଁ ରାସ୍ତା ଧରିଲେ ଜଲଦି ପହଞ୍ଚିବା?




କିଛି ନ ବୁଝି ନ ବିଚାରି ତୁମେ ସାଙ୍ଗେ ସାଙ୍ଗେ କହିବ—ନାକସିଧା ଯିବା । ଅର୍ଥାତ୍ "କ ଧ" କର୍ଣ୍ଣରେ ଯିବା । ବିଚାରବନ୍ତ ଲୋକ ତାହା କରିବ ନାହିଁ । ପାଣିରେ ଯିବା ବେଶି ସମୟ ନେଉଥିବାରୁ ପାଣିରେ ଯେତେ କମ ଦୂର ଯିବ ସେତେ ସମୟ ବଞ୍ଚିବ । ତେଣୁ "କ ଝ" ଦୂରତାର ନଦୀ ପାର ନ ହୋଇ "କ ଛ" ଦୂରତା ପାର ହେବ । ଏଥିପାଇଁ ତାକୁ ପଡ଼ିଆରେ "ଝ ଧ" ଠାରୁ ବେଶି ଦୂରତା "ଛଧ"

ଯିବାକୁ ପଡ଼ିବ । ଯେହେତୁ ପଡ଼ିଆରେ ଦୁଇଗୁଣ ବେଗରେ ଯାଇ ହେବ ବେଶି ଦୂରତା ହେଲେ ମଧ୍ୟ କମ ସମୟ ଲାଗିବ ।


ଆଲୋକ ଏହିଭଳି ନିୟମ ମାନେ । କେଉଁ ମାଧ୍ୟମରେ କେତେ ଦୂର ଯିବାକୁ ପଡ଼ିବ ତାହାର ହିସାବ ନ ନେଇ କେମିତି ଗଲେ ମୋଟରେ କମ ସମୟ ଲାଗିବ ତାହା ହିଁ ଆଲୋକର ପ୍ରତିସରଣ । ଏହାକୁ ଆମେ ଅନୁସରଣ ନ କହି ପ୍ରତିସରଣ କହିବା କାରଣ ଏହାକୁ ଇଂରାଜୀରେ ରିଫ୍ରାକ୍‌ସନ୍ (refraction) କହନ୍ତି । ଗୋଟିଏ ମାଧ୍ୟମରୁ ଆଉ ଗୋଟିଏ ମାଧ୍ୟମକୁ ଯିବାବେଳେ ଦୁଇ ମାଧ୍ୟମର ସୀମାରେ ଯେପରି ଆଲୋକ ରଶ୍ମି ବଙ୍କିଯାଏ ତାକୁ ହିଁ ପ୍ରତିସରଣ କହନ୍ତି । ଛ ଜାଗାରେ ଚ ଛ ଲମ୍ବଟିକୁ ଦେଖ । ଛ ଠାରେ ଛ ଧ ଯେଉଁ ଙ ଛ ଧ କୋଣ କରୁଛି ତାକୁ ଦେଖ । ଯଦି ସେହିଭଳି ଗୋଟିଏ ଲମ୍ବ ଝ ଠାରେ ଟଣା ହୋଇଥାଆନ୍ତା ତାହା ସହିତ ଝ ଧ ରେଖା ଯେଉଁ କୋଣ କରିବ ତାହା ଛୋଟ ହେବ । ଅର୍ଥାତ୍ ଆଲୋକ ସବୁବେଳେ ଦୁଇ ମାଧ୍ୟମର ସୀମାରେ ଯେଉଁଠାରେ ସବୁଠାରୁ ବଡ଼ କୋଣ ହେବ ସେଇଠାରେ ହିଁ ଅନ୍ୟ ମାଧ୍ୟମକୁ ପଶିବ । ରାସ୍ତା ବଙ୍କାଟଙ୍କା ହେଲେ ମଧ୍ୟ ପହଞ୍ଚିବାର ସମୟ ସବୁଠାରୁ କମ ହେବ । ତେଣୁ ସିଧା ଦିଶୁଥିବା ପଥ ରାସ୍ତା ସମୟ ଅନୁଯାୟୀ ସିଧା ନୁହେଁ । ବରଂ ଙ ଛ ଧ ରାସ୍ତା ସମୟ ଅନୁଯାୟୀ ସିଧା । ଆମ ଆଖି ଯେଉଁ ରାସ୍ତାକୁ କମ ସମୟ ନେବ ବୋଲି ଭାବୁଛି, ଆଲୋକ ତାକୁ ମିଛ ପ୍ରମାଣ କରୁଛି ।

## ଆମେ ଫଟୋଗ୍ରାଫକୁ କେମିତି ଦେଖିବା

ଆମ ଆଖି ଜିନିଷକୁ ଯେପରି ଦେଖେ କାମେରା ସେହିପରି ଦେଖେ । କିନ୍ତୁ ମନେରଖ, କାମେରାରେ ଗୋଟିଏ ଆଖି ବା ଲେନ୍‌ସ । ଆମର ଦୁଇଟି ଆଖି, ତେଣୁ ଆମେ ଦୁଇଟି ଲେନ୍‌ସରେ ଏକା ସାଙ୍ଗରେ ଦେଖୁ । ତେଣୁ କାମେରା ଜିନିଷଟିକୁ କିପରି ଦେଖିଛି ଜାଣିବାକୁ ହେଲେ ଆମକୁ ଗୋଟିଏ ଆଖି ବନ୍ଦ କରିବାକୁ ପଡ଼ିବ ଓ ଜିନିଷଟିକୁ କେତେ ଦୂରରେ ରଖିବାକୁ ପଡ଼ିବ ତାହାର ହିସାବ କରିବାକୁ ପଡ଼ିବ ।

ଆମେ ଯେତେବେଳେ ଦୁଇ ଆଖିରେ ଫଟୋଟିକୁ ଦେଖୁ ତାହା ଚେପ୍ଟା ଦେଖାଯାଏ । ଲମ୍ବ, ଓସାର ଓ ଉଚ୍ଚତା ଭଳି ପ୍ରତ୍ୟେକ ଜିନିଷର ଯେଉଁ ତିନୋଟି ସୀମା ଥାଏ ତାହା ଜଣାଯାଏ ନାହିଁ । ଏହା ହେଉଛି ଆମ ଆଖିର ଲୁଚକାଳି, ଦୃଷ୍ଟିର ଭ୍ରମ । ଚେପ୍ଟା ଜିନିଷଠାରୁ ଉଚ୍ଚ ଖାଲ ଜିନିଷଟିଏ ଭିନ୍ନ ଦେଖାଯାଏ କାରଣ, ଆମ ମସ୍ତିଷ୍କ ଦୁଇଟି ଆଖିର ତିଆରି ଦୁଇଟି ଭିନ୍ନ ଛବିକୁ ମିଶାଇ ଉଚ୍ଚ ଖାଲ ଧାରଣା ଦେଇଥାଏ ।


ଏହା ଜାଣିବାର ଗୋଟିଏ ସହଜ ଉପାୟ ଅଛି । ତୁମ ବୁଢ଼ା ଆଙ୍ଗୁଠିକୁ ଆଡ଼ରେ ରୁହାଁ । ନାକ ସିଧା ଆଙ୍ଗୁଠିକୁ ଆଡ଼ରେ ରଖ । ବାଁ ଆଖି ବନ୍ଦ କରି ଡାହାଣ ଆଖିରେ ଦେଖ । ପୁଣି ଡାହାଣ ଆଖି ବନ୍ଦ କରି ବାଁ ଆଖିରେ ଦେଖ । କିପରି ଦେଖାଯିବ ଛବିରେ ଦିଆଯାଇଛି । ନଖଟାର ଖୋଲତା ବା ମୋଟେଇ କମ ବେଶି ଦେଖାଯାଉ ନାହିଁ କି ?



ଯେତେବେଳେ କୌଣସି ଗୋଟିଏ ଚେପ୍ଟା ଜିନିଷ, ଯଥା କାନ୍ଥ, ଆମେ ଦେଖୁ ଆମର ଦୁଇଟିଯାକ ଆଖି ଏକା ରକମର ଦେଖେ । କିନ୍ତୁ ଫଟୋଗ୍ରାଫ୍‌ଟିଏ ଦେଖିଲାବେଳେ ଆମେ ତାକୁ ଜବରଦସ୍ତ ଦୁଇଆଖିରେ ଦେଖିଥିବାରୁ ଚେପଟା ଦେଖୁ । ପ୍ରକୃତରେ ଫଟୋଗ୍ରାଫ ଗୋଟିଏ ଆଖିରେ ଦେଖିବା ପାଇଁ ତିଆରି ହୋଇଛି ।

ଫଟୋଗ୍ରାଫ ଦେଖିବାର ଆଉ ଗୋଟିଏ ନିୟମ ହେଉଛି ଯେ କାମେରା ଭିତରେ । କାମେରାର କାଚ ଯେତେ ଡିଗ୍ରୀ କୋଣ କରି ଛବିଟିକୁ ଦେଖିଲା, ଆମେ ଫଟୋଟିକୁ ଦେଖିଲାବେଳେ ସେତିକି ଡିଗ୍ରୀ କୋଣ କରି ଦେଖିବାର ଅବସ୍ଥାକୁ ଆସିବା କଥା । ପ୍ରକୃତ ଜିନିଷଠାରୁ ଫଟୋଟି

ଯେତିକ ଗ୍ରେଟ ଆଖି ଆଉ ଫଟୋ ମଧ୍ୟରେ ଥିବା ଦୂରତା ଜିନିଷ ଓ ଲେନ୍ସ ମଧ୍ୟରେ ଥିବା ଦୂରତାରୁ ସେତିକି ଗୁଣରେ କମ ହେବା ଉଚିତ । ଏହାର ଅର୍ଥ କାମେରାର ଲେନ୍ସ ଯେତିକି ଦୂରରୁ ଜିନିଷ ଉପରେ ଲକ୍ଷ୍ୟ ରଖେ ଆମେ ସେତିକି ଦୂରରୁ ଦେଖିବା କଥା । ଶସ୍ତାଳିଆ




କାମେରା ଭିତର କୋଣ ୨ କାମେରା ଲେନ୍ସରେ
ଜିନିଷଟି କରୁଥିବା କୋଣସହିତ ସମାନ ।


କାମେରାର ଲକ୍ଷ୍ୟ ଦୂରତା (ଇଂରାଜୀରେ ଫୋକାଲ ଲେଙ୍ଗ୍ଥ) ପ୍ରାୟ ୧୫ ସେଣ୍ଟିମିଟର । କିନ୍ତୁ ମଣିଷ ଆଖିର ଲକ୍ଷ୍ୟ ଦୂରତା ପ୍ରାୟ ୨୫ ସେଣ୍ଟିମିଟର । ତେଣୁ ୧୫ ସେଣ୍ଟିମିଟର ଦୂରରେ କୌଣସି ଫଟୋ ରଖି ଦେଖିବା ବଡ଼ କଷ୍ଟ । ପିଲାମାନେ ଏହା କରିପାରିବେ । କାରଣ ସେମାନଙ୍କ ଆଖିର ଲକ୍ଷ୍ୟ ଦୂରତା କମ୍ ବେଶି ହୋଇପାରେ । କିମ୍ବା ଯେଉଁମାନଙ୍କର ନିକଟ ଦୃଷ୍ଟି ବେଶି, ବହିକୁ ଆଖି ପାଖକୁ ଧରି ପଢ଼ନ୍ତି ସେମାନେ ମଧ୍ୟ ୧୫ ସେଣ୍ଟିମିଟର ଦୂରରୁ ଫଟୋଟିକୁ ଦେଖିପାରିବେ। ଯଦି ଆମେ ଫଟୋଟିକୁ କାମେରାର ଲକ୍ଷ୍ୟ ଦୂରତାରେ ଦେଖିପାରନ୍ତୁ ତେବେ ଫଟୋଟି ନିର୍ଜୀବ ଲାଗନ୍ତା ନାହିଁ ।

ତେବେ ସାଧାରଣ ଦୃଷ୍ଟି ଥିବା ଲୋକ ଫଟୋଗ୍ରାଫରୁ କିପରି ଆନନ୍ଦ ପାଇବେ ? ଦୁଇଗୁଣ ବଢ଼ାଇ ପାରୁଥିବା ବିବର୍ଦ୍ଧକ କାଚ ବା ମାଗନିଫାଇଙ୍ଗ ଗ୍ଲାସ ଦେଇ ଫଟୋଟିକୁ ଦେଖିଲେ ଆଖିକୁ କଷ୍ଟ ନ ଦେଇ ଆମେ ଫଟୋଟିକୁ ସଜୀବ ଦେଖିପାରିବା; ଅର୍ଥାତ୍, ଜିନିଷଟିର ତିନି ପାଖ ଦେଖାଯିବ ।


ଏହି କାରଣରୁ ବୋଧହୁଏ ଲୋକେ ଛବିଙ୍କ କାଚରେ ଦେଖିଲା-ବେଳେ ଗୋଟିଏ ଆଖିରେ ଦେଖନ୍ତି ।

ଆଜିକାଲିର କାମେରାଗୁଡ଼ିକର ଲକ୍ଷ୍ୟ ଦୂରତା ୧୫ ସେଣ୍ଟିମିଟର ଠାରୁ ବେଶି । ଯଦି କୌଣସି କାମେରାର ଲକ୍ଷ୍ୟ ଦୂରତା ୭୦ ସେଣ୍ଟିମିଟର ହୁଏ ତେବେ ଆମେ ଖାଲି ଆଖିରେ ଦେଖି ମଧ୍ୟ ଫଟୋଟିର ଗଭୀରତା ଅନୁଭବ କରିପାରିବା । ପୁରୁଣାକାଳିଆ ବା ଶସ୍ତା କାମେରାରେ ଯଦି ଫଟୋ ଉଠିଥାଏ ତାକୁ ତିନି ଚାରିଗୁଣ ବଢ଼ାଇ ନକଲ ଉଠାଇଲେ ଛବିଟି ସିନା ଟିକିଏ ଜାଲିଜାଲିଆ ହୋଇଯିବ, କିନ୍ତୁ ଛବିରେ ଗଭୀରତା ଥିବା ଜଣାପଡ଼ିବ ।

ଏଥିରେ ଗୁଡ଼ାଏ କ୍ୟୁବ୍ ଅଛି (ପ୍ଲାଷ୍ଟିକ ଖେଳଣା ଭଳି) । କ୍ୟୁବ୍‌ଗୁଡ଼ାକ କେଉଁଠି ପାଖାପାଖି ଅଛି, ଉପରେ ନା ତଳେ ?




ଉଦାହରଣଟି ନ ଥିଲେ, ଓ 'କଖ' 'କଗ' ରେଖାଠାରୁ ମୋଟା ନ ହୋଇଥିଲେ କଖ ଏବଂ କଗ ରେଖାଦୁଇଟିର ଲମ୍ବ ସମାନ କହିଥାନ୍ତ କି ?




## ସିନେମା ହଲ୍‌ରେ କେଉଁଠି ବସିବା ଉଚିତ ?

ଏହିସବୁ କାରଣରୁ ସିନେମା ହଲ୍‌ରେ ଥରେ ଥରେ ଆମକୁ ଛବିଗୁଡ଼ିକ ବହୁତ ଜୀବନ୍ତ ଲାଗେ । ଏହା ଫିଲ୍ମ ଉପରେ ନିର୍ଭର କରେ ନାହିଁ । ଆମେ କେଉଁଠି ବସିଛୁ ତା' ଉପରେ ନିର୍ଭର କରେ । ଅଳ୍ପ ଲମ୍ବ ଦୂରତା ଥିବା କାମେରାରେ ସିନେମା ଛବିଗୁଡ଼ିକ ଉଠା ହୋଇଥିଲେ ମଧ୍ୟ ସେଗୁଡ଼ିକୁ ପ୍ରଜେକ୍‌ସନ କଲାବେଳେ ଏତେ ବଡ଼ାଇ ଦିଆଯାଏ ଯେ, କାମେରା ଅଳ୍ପ ଦୂରରୁ ଦୃଶ୍ୟଟି ଯେପରି ଦେଖିଥିଲା ଆମକୁ ଦୂରରୁ ସେହିପରି ଦେଖାଯାଏ । ଆମ ଦୃଷ୍ଟିର କୋଣ କାମେରାର ଲେନ୍‌ସର କୋଣ ସହିତ ସମାନ ହୋଇଯାଏ ବୋଲି ଏହା ଘଟେ ।

କେଉଁ ସିଟ୍‌ରେ ବସିଲେ ଆମକୁ ସିନେମା ଛବିଟି ଭଲ ଦେଖାଯିବ ତାହାର ବି ହିସାବ କରାଯାଇଛି । ସିନେମା ହଲରେ ପର୍ଦ୍ଦାର ଓସାର ଯେତେ ତା'ର ତିନିଗୁଣ ଦୂରରେ, ମଝିରେ ଯେକୌଣସି



ସିଟ୍‌ରେ, ବସିବା ଦରକାର । ଯଦି ପର୍ଦ୍ଦାଟିର ଓସାର ୨୦ ଫୁଟ ବା ୬ ମିଟର ହୋଇଥାଏ ତେବେ ଛବିଟିକୁ ଭଲ ଭାବରେ ଉପଭୋଗ କରିବା ପାଇଁ ୬୦ ଫୁଟ ବା ୧୮ ମିଟର ଦୂରରେ ମଝି ସିଟ୍‌ଟିଏ ନେବା ଦରକାର ।

ରଙ୍ଗୀନ୍ ବହି ବା ପତ୍ରିକାକୁ ଦେଖିଲାବେଳେ ଏହି ନିୟମ ଲାଗୁ ହୁଏ । ଆବଶ୍ୟକ ଦୂରତାରୁ ଗୋଟିଏ ଆଖିରେ ଦେଖିଲେ ଛବିଟି ଜୀବନ୍ତ ଦେଖାଯାଏ । କେବଳ ଲମ୍ବ, ଓସାର ନୁହେଁ ଗଭୀରତା ମଧ୍ୟ ଦେଖାଯାଏ ।

କିନ୍ତୁ କେତେ ଦୂରରୁ ଧରିବ ଜାଣିବ କିପରି ? ଗୋଟିଏ ଆଖି ବନ୍ଦ କର । ଛବିଟିକୁ ବାହୁଏ ଦୂରରୁ ଦେଖ । ଠିକ୍ ଛବିର ମଝିକି ଯେପରି ଆଖି ସିଧା ରହିବ । ଧୀରେ ଧୀରେ ଛବିଟିକୁ ଆଖିଆଡ଼କୁ ଆଣ । ଦେଖିବ ଏପରି ଗୋଟିଏ ଦୂରତା ଆସିବ, ଯେଉଁଠି ଛବିର ଗଭୀରତା ବି ଜଣାଯିବ । ଅର୍ଥାତ୍ ଏହି ଦୂରତାରେ କାମେରା ଜିନିଷଟିକୁ ଦେଖିଥିଲା । ମନେରଖ ବହି ବା ପତ୍ରିକାରେ ଛପା ହୋଇଥିବା ଛବିଟି ଗୋଟିଏ ଗୋଟିଏ ଫଟୋରୁ ନିଆ ହୋଇଥାଏ ।

## ହାତଅଙ୍କା ଚିତ୍ର କିପରି ଦେଖିବା

ଚିତ୍ରକାରମାନଙ୍କର ଚିତ୍ର ବା ପେଣ୍ଟିଙ୍ଗ ଦେଖିଲେ ତୁମେ ଜାଣି ପାରିବ ଗୋଟିଏ ନିର୍ଦ୍ଦିଷ୍ଟ ଦୂରତାରୁ ଦେଖିଲେ ଚିତ୍ରଟି ଜୀବନ୍ତ ଦେଖା-ଯାଉଛି । କିନ୍ତୁ ଦେଖିବାର କୋଣ ବଦଳିଗଲେ ଚିତ୍ରଟି ଆମକୁ ଭଲ ଲାଗେ ନାହିଁ ।

ଆଉ ମଧ୍ୟ ବେଳେ ବେଳେ ଦେଖିଥିବ ବଡ଼ ବଡ଼ ଚିତ୍ର ବା ପେଣ୍ଟିଙ୍ଗ୍‌ର ଯେଉଁ ଫଟୋ ଉଠାଯାଇଥାଏ, ତାହା ଛୋଟ ହେଲେ ମଧ୍ୟ ଅସଲ ପେଣ୍ଟିଙ୍ଗ୍‌ଠାରୁ ଭଲ ଦେଖାଯାଏ । ବଡ଼ ପେଣ୍ଟିଙ୍ଗ୍‌ଟିକୁ ଯେତେ ବହୁତ ଦୂରରୁ ଦେଖିବା କଥା ଆମେ ଦେଖି ପାରୁନା । କିନ୍ତୁ ଫଟୋଟି ଛୋଟ ହୋଇଥିବାରୁ ତାକୁ କମ୍ ଦୂରତାରୁ ଦେଖିହୁଏ । ତେଣୁ ତହିଁରେ ଗଭୀରତାର ଅନୁଭୂତି ଆସେ ।

ଆମର ଦୁଇଟି ଆଖି ଯେକୌଣସି ଜିନିଷକୁ ଦୁଇଟି ବିଭିନ୍ନ କୋଣରୁ ଦେଖେ । ଆମ ମସ୍ତିଷ୍କ ସେ ଦୁଇଟି ଛବିକୁ ମିଶାଇ ଗୋଟିଏ କରିଦିଏ । ଏହା ହିଁ ଜିନିଷଟିର ଗଭୀରତା ଆଣିଦିଏ । ପ୍ରତ୍ୟେକ ଜିନିଷର ବିଭିନ୍ନ କୋଣର ବା ପାଖର ଦୂରତା ଆଖିଠାରୁ କମ୍ ବେଶି ହୋଇଥାଏ । କେଉଁ ବିନ୍ଦୁଟି ବାଁ ଆଖିଠାରୁ ଦୂର ତ ଡାହାଣ ଆଖିଠାରୁ କମ ଦୂର । ସେହିଭଳି କେଉଁ ବିନ୍ଦୁ ଡାହାଣ ଆଖିଠାରୁ ଦୂର ତ ବାଁ ଆଖିଠାରୁ କମ୍ ଦୂର । ଦୁଇ ଆଖି ମିଶିଯାଇ ଯେଉଁ ଛବି ଦେଖନ୍ତି ତାକୁ ଦୁଇଆଖିଆ ଆଦୃଶ୍ୟ ବା ଷ୍ଟିରିଓସ୍କୋପିକ୍ ଭିଜନ କୁହାଯାଏ ।

ଦୁଇଆଖି ଆଦୃଶ୍ୟ ବା ବାଇନୋକୁଲାର ଦୃଶ୍ୟ ଦେଖି ଦେଖି ଆମେ ଏକଆଖିଆ ଦୃଶ୍ୟ କପରି ତାହା ଭାବିପାରୁନା । ଆମ ଦୁଇ ଆଖି ମଝିରେ ପ୍ରାୟ ୬ ସେଣ୍ଟିମିଟର ଫାଙ୍କା । ଧର, ଆମେ ସାଢ଼େ ଘରଶହ ମିଟରରୁ ବେଶି ଦୂରରେ କିଛି ଦେଖିବୁ—ସେତେ ଦୂର ତୁଳନାରେ ହିଁ ୬ ସେଣ୍ଟିମିଟର ବ୍ୟବଧାନ କିଛି ନୁହେଁ—ଦୁଇଟାଯାକ ଆଖି ଗୋଟିଏ ଭଳି କାମ କଲେ, ତେଣୁ ଦିଗ୍‌ବଳୟରେ ଘର, କୋଠା, ପାହାଡ଼, ପର୍ବତ ସବୁ ଚେପ୍‌ଟା ଦେଖାଯାଏ । ଏହି କାରଣରୁ ଚନ୍ଦ୍ର, ସୂର୍ଯ୍ୟ ଆଦି ଦୂର ଜିନିଷ ଚେପ୍‌ଟା ଚିଣର ବୃତ୍ତଭଳି ଦିଶେ । ଏତେ ଦୂରର ଜିନିଷର ଫଟୋ ଉଠାଇଲେ ସେଥିରେ ଉଚ୍ଚତା ବା ଗଭୀରତା ଆସିବ ନାହିଁ । ଷ୍ଟିରିଓସ୍କୋପିକ୍ ଭିଜନରେ ଯେପରି ଉଚ୍ଚନୀଚ ବା ଜୀବନ୍ତ ଛବି ଦିଶେ ତାହା ଦିଶିବ ନାହିଁ ।

## କଳା ଓ ଗୋରା

କଳା ଗୋରା ଦିହେଁ ଦିନେ ଲଗାଇଲେ ବାଦ
ଗର୍ବରେ ବୋଇଲା କଳା ଉଠାଇଣ ପାଦ

ଏ ପଦ୍ୟ ତୁମେ କେବେ କେବେ ପଢ଼ିଥିବ । କଳା କହିଲା, ଗୋରା ତୁ ମୋଠାରୁ ଶ୍ରେଷ୍ଠ, କାରଣ ତୁ ମୋ ପାଦତଳେ ଅଛୁ । ମୋ ପାଦତଳ ଧଳା ।

ଆମର ଦୁଇଟି ଆଖି ଯେକୌଣସି ଜିନିଷକୁ ଦୁଇଟି ଭିନ୍ନ କୋଣରୁ ଦେଖେ । ଆମ ମସ୍ତିଷ୍କ ସେ ଦୁଇଟି ଛବିକୁ ମିଶାଇ ଗୋଟିଏ କରିଦିଏ । ଏହା ହିଁ ଜିନିଷଟିର ଗଭୀରତା ଆଣିଦିଏ । ପ୍ରତ୍ୟେକ ଜିନିଷର ଭିନ୍ନ କୋଣର ବା ପାଖର ଦୂରତା ଆଖିଠାରୁ କମ୍ ବେଶୀ ହୋଇଥାଏ । କେଉଁ ବିନ୍ଦୁଟି ବାଁ ଆଖିଠାରୁ ଦୂର ତ ଡାହାଣ ଆଖିଠାରୁ କମ ଦୂର । ସେହିପରି କେଉଁ ବିନ୍ଦୁ ଡାହାଣ ଆଖିଠାରୁ ଦୂର ତ ବାଁ ଆଖିଠାରୁ କମ୍ ଦୂର । ଦୁଇ ଆଖି ମିଶିଯାଇ ଯେଉଁ ଛବି ଦେଖନ୍ତି ତାକୁ ଦୁଇଆଖିଆ ଆଦୃଶ୍ୟ ବା ଷ୍ଟିରିଓସ୍କୋପିକ୍ ଭିଜନ କୁହାଯାଏ ।

ଦୁଇଆଖି ଆଦୃଶ୍ୟ ବା ବାଇନୋକୁଲାର ଦୃଶ୍ୟ ଦେଖି ଦେଖି ଆମେ ଏକଆଖିଆ ଦୃଶ୍ୟ କପରି ତାହା ଭାବିପାରୁନା । ଆମ ଦୁଇ ଆଖି ମଝିରେ ପ୍ରାୟ ୬ ସେଣ୍ଟିମିଟର ଫାଙ୍କା । ଧର, ଆମେ ସାଢ଼େ ଚାରିଶହ ମିଟରରୁ ବେଶି ଦୂରରେ କିଛି ଦେଖିବୁ—ସେତେ ଦୂର ତୁଳନାରେ ହିଏ ୬ ସେଣ୍ଟିମିଟର ବ୍ୟବଧାନ କିଛି ନୁହେଁ—ଦୁଇଟାଯାକ ଆଖି ଗୋଟିଏ ଭଳି କାମ କଲେ, ତେଣୁ ଦିଗ୍‌ବଳୟରେ ଘର, କୋଠା, ପାହାଡ଼, ପର୍ବତ ସବୁ ଚେପ୍‌ଟା ଦେଖାଯାଏ । ଏହି କାରଣରୁ ଚନ୍ଦ୍ର, ସୂର୍ଯ୍ୟ ଆଦି ଦୂର ଜିନିଷ ଚେପ୍‌ଟା ଚିଣର ବୃତ୍ତଭଳି ଦିଶେ । ଏତେ ଦୂରର ଜିନିଷର ଫଟୋ ଉଠାଇଲେ ସେଥିରେ ଉଚ୍ଚତା ବା ଗଭୀରତା ଆସିବ ନାହିଁ । ଷ୍ଟିରିଓସ୍କୋପିକ୍ ଭିଜନରେ ଯେପରି ଉଚ୍ଚନୀଚ ବା ଜୀବନ୍ତ ଛବି ଦିଶେ ତାହା ଦିଶିବ ନାହିଁ ।


## କଳା ଓ ଗୋରା

କଳା ଗୋରା ଦିହେଁ ହିନେ ଲଗାଇଲେ ବାଦ
ପଣ୍ଡିଲେ ବୋଇଲ କଳା ଉଠାଇଣ ପାଦ

ଏ ପଦ୍ୟ ତୁମେ କେବେ କେବେ ପଢ଼ିଥିବ । କଳା କହିଲା, ଗୋରା ତୁ ମୋଠାରୁ ଶ୍ରେଷ୍ଠ, କାରଣ ତୁ ମୋ ପାଦତଳେ ଅଛୁ । ମୋ ପାଦତଳ ଧଳା ।

ଗୋରା କ'ଣ କହିଲା, ଯିଏହିଁ କପର ଶେଷରେ ଝଗଡ଼ା ବନ୍ଦ କରି ଦୁହେଁ ସମାନ ବୋଲି ମାନିଗଲେ ତୁମେ ଜାଣିଛ ।

ଆମ ଆଖି ବି ଥରେ ଥରେ କଳା ଧଳା ବିବାଦ ବଢ଼ାଇଦିଏ । ଛବିଟିକୁ ଦେଖ । ଉପରେ ଦୁଇଟି କଳାବିନ୍ଦୁ ଓ ତଳେ ଗୋଟିଏ ।



ତଳ ବିନ୍ଦୁ ଓ ଉପର ବିନ୍ଦୁ ଭିତରେ ଯେଉଁ ଫାଙ୍କା ଅଛି ସେଥିରେ ଏହି ଆୟତନର କଳାବିନ୍ଦୁ କେତୋଟି ଧରିବ ?

କେତେ କହୁଛ ? ଚାରି, ପାଞ୍ଚ, ଛ ?

ଯାହା କହିବ କୁହ, କିନ୍ତୁ ତିନି କହିବ ନାହିଁ । ମାପି ଦେଖ, କଳାବିନ୍ଦୁର ବ୍ୟାସ ଯାହା ତାହାର ଠିକ୍ ୩ ଗୁଣ ଲମ୍ବର ଫାଙ୍କା ରହିଛି ।

ତେବେ ୩ରୁ ବେଶୀ କାହିଁକି କହି ପକାଇଲ ? ଏ ତୁମର ଦୋଷ ନୁହେଁ । ମୁଁ ବି କହିଥାନ୍ତି । କାରଣ ଧଳାବିନ୍ଦୁଠାରୁ ଏକାଆୟତନର


କଳାବନ୍ଦୁ ଶ୍ରେଷ୍ଠ ଦେଖାଯାଏ । ଏହା ଆମ ଆଖିର ଭ୍ରମ । ଧଳାଜିନିଷ ତା'ର ଚୋପା ବଢ଼ାଏ, ଆଲୋକ ବିକରଣ କରେ । କଳା ଜିନିଷ ଆଲୋକ ଶୋଷିନିଏ, ତେଣୁ ନିଜର ଚୋପା କମାଏ; ଅର୍ଥାତ୍ ଆକାର ଶ୍ରେଷ୍ଠ ଦିଶେ । ଆଲୋକ ଓ ଅନ୍ଧାର (ଧଳା ଓ କଳା) ଆଖି ସାଙ୍ଗରେ ଏମିତି ଲୁଚକାଳି ଖେଳେ ।

ପେଣ୍ଡୁ ଆକାରର ବା ଗୋଲକାର ହେଲେ ଧଳା ଜିନିଷରୁ ଆଲୋକ ବହୁତ୍ ହେଲ ଭଳି ଦିଶେ । ଗୃହପିଠି ଆଲୋକର ଗୋଟିଏ ବଳୟ ବା ମୁଦ ଥିବା ଭଳି ଆଖିକୁ ଦିଶେ । ଏହି କାରଣରୁ ଏକା ଆୟତନ ହେଲେ ବି ଆଲୋକିତ ଅଞ୍ଚଳ ଅନ୍ଧକାର ଅଞ୍ଚଳଠାରୁ ବଡ଼ ଦେଖାଯାଏ । ଶ୍ଳେଣୀର କଳାପଟାରେ ଚକ୍‌ଖଡ଼ିରେ ଧଳା ଧଳା ଚକ କରି ଦେଖ । ପୁଣି ଗୃହଆଡ଼େ ଚକ୍ ମଡ଼ାଇ ମଝିରେ ମଝିରେ ଏକାଆୟତନର କଳା କଳା ଚକ କରି ତୁଳନା କର । ଦେଖିବ କଳାଠାରୁ ଧଳା ବଡ଼ ଜଣାହେବ । କିନ୍ତୁ ମାପିଲେ ସମାନ ହେବ ।

ରାତିରେ ଚନ୍ଦ୍ରକୁ ଦେଖ । କିମ୍ବା ସୂର୍ଯ୍ୟ ଉଦୟ ଓ ଅସ୍ତକୁ ଲକ୍ଷ୍ୟ କର । ଚନ୍ଦ୍ର ତିଥି ଅନୁଯାୟୀ ଖଣ୍ଡିଆ ହୋଇ ହୋଇ ଶେଷରେ ଅମାବାସ୍ୟାରେ ଲିଭିଯାଏ । ଖଣ୍ଡିଆ ଜହ୍ନ ପ୍ରକୃତରେ ଗୋଟିଏ ବଡ଼ ବୃତ୍ତର ବା ପେଣ୍ଡୁର ଅଂଶ । ଜହ୍ନର ଧଳା ବା ଆଲୋକ ଅଂଶର ବ୍ୟାସ ତା'ର କଳାଅଂଶର ବ୍ୟାସଠାରୁ ବଡ଼ ଜଣାଯାଏ । ମନେହୁଏ କଳାରହୁ ଜହ୍ନକୁ ଗିଳିଦେବାକୁ ଗୃହୁଁଛି । କୌଣସି ଜିନିଷର କଡ଼ ବା ଧାରରୁ ଆଲୋକ ଆସୁଥିଲେ, ଜଣାଯାଏ ଯେପରି ଚେପ୍‌ଟା ହୋଇ ଆସୁଛି, ମହମବତି ଆଗରେ କାଗଜ ପଟିଟିଏ ଧରି ପଛଆଡ଼ର ଆଲୋକଶିଖାକୁ ଗୃହିଁଲେ ଜଣାଯିବ ସତେଯେପରି କାଗଜଟି ପାଖରେ ଆଲୋକଶିଖାଟି ଖଣ୍ଡିଆ ହୋଇଯାଇଛି । ଏହି କାରଣରୁ ଉଦୟ ବା ଅସ୍ତ ସମୟର ସୂର୍ଯ୍ୟ ଦିଗ୍‌ବଳୟ ପାଖରେ ଟିକେ ଚେପ୍‌ଟା ହୋଇଥିବା ଭଳି ଦିଶେ । କିନ୍ତୁ ପ୍ରକୃତରେ ସୂର୍ଯ୍ୟ ଗୋଲକାର ।


ବେଳେବେଳେ ଧଳାବନ୍ଦୁ ବି ଶ୍ରେଷ୍ଠ ଦେଖାଯାଇପାରେ । ଏହା କିପରି ସମ୍ଭବ ? ତୁମେ କେତେ ଦୂରରୁ ବନ୍ଦୁଗୁଡ଼ିକୁ ଦେଖୁଛ, ତା'

ଉପରେ ନିର୍ଭର କରେ । ତିନୋଟି କଳା ବିନ୍ଦୁ ଥିବା ଚିତ୍ରଟିକୁ ଆଲୁଅରେ ଦେଖ । ଧୀରେ ଧୀରେ ଆଖିରୁ ଦୂରରୁ ଦୂରକୁ ନିଅ । ଆଖି କପରି ଭ୍ରମରେ ପଡ଼ୁଛି ? ଆଖି ପାଖ ଥିଲାବେଳେ ବିନ୍ଦୁର ପରିଧି ଧଳାଅଞ୍ଚଳର ଆପତନକୁ ପ୍ରାପ୍ତ ଶତକଡ଼ା ୧୦ ଭାଗ ବଢ଼ାଇଦେଉଛି । ଦୂର ହେଲେ ଆହୁରି ବଡ଼ ଦିଶିବ । କଳାବିନ୍ଦୁର ପରିଧି ଅଞ୍ଚଳ ପ୍ରାପ୍ତ ଶତକଡ଼ା ୩୦ ଭାଗ ଆଲୋକ ଶୋଷିନିଏ । ଆଖିରୁ ଦୂର ହେଲେ କଳାବିନ୍ଦୁର ସ୍ଥିତି ଆହୁରି ଛୋଟ ଦିଶିବ ।



ଏହି କାରଣରୁ ତୁମେ ଜାଣିବ, ଏଠାକାର ଛବିଟି କପରି ଧଳାବୃତ୍ତଗୁଡ଼ିକୁ ଛ'କୋଣିଆ କରିଦେଉଛି । ଦେଖିପାରୁ ନା କି ? ଚାରି ପାଞ୍ଚ ପାଦ ପଛକୁ ଘୁଞ୍ଚିଆସ, ବହିଟି ଯେଉଁଠି ଅଛି ସେଇଠି ଥାଉ । ଦେଖ, ଧଳା ବୃତ୍ତଗୁଡ଼ିକ ଛକୋଣିଆ ଦିଶୁ ନାହିଁ କି ? ଯଦି ଆଠ ଦଶ ପାଦ ଦୂରେଇଯିବ, ଛବିଟି ଗୋଟିଏ ମହୁଫେଣା ଭଳି ଦିଶିବ ।

ଆଖିର ଲୁଚକାଳି, ବା ଆମର ଭ୍ରମ କିପରି ହୁଏ, ଚଉଦ ପୃଷ୍ଠାର ପ୍ରଥମ ଛବିଟି ଦେଖ । ଦୂରରୁ ଦେଖ । ଛୋଟ ଛୋଟ କଳା ବିନ୍ଦୁଗୁଡ଼ିକ ଛକୋଣିଆ ଦେଖାଯାଉଛି ।



କେତେକ ଲୋକ ଟେରାଆଖିଆ । କେତେକଙ୍କ ଦୃଷ୍ଟିଶକ୍ତି ମଧ୍ୟ ଟେରା । ସେମାନଙ୍କୁ ଗୋଟିଏ ଜିନିଷର ବିଭିନ୍ନ ଅଂଶ ବିଭିନ୍ନ ପ୍ରକାରର ଦିଶେ । ଜିନିଷଟିରେ ସମତା ନ ଥିବା ଭଳି ମନେହୁଏ । ଯେଉଁମାନଙ୍କ ଆଖି ଭଲ ଅଛି ସେମାନେ ଏ ଦୋଷ କ'ଣ ବୁଝିପାରିବେ ନାହିଁ । ଏହି ଚିତ୍ରଟି ଦେଖିଲେ ଦୋଷଟା କ'ଣ ଜାଣିହେବ ।



ଚାରୋଟିଯାକ ଅକ୍ଷର ସମାନଭାବରେ କଳା ଦେଖାଯାଉ ନାହିଁ । ଦେଖ କେଉଁ ଅକ୍ଷରଟି ବେଶି କଳା ଦିଶୁଛି । ଚିତ୍ରଟିକୁ ଆଉଜେଇ ଦେଖ । ଆଗରୁ ବେଶି କଳା ଦେଖାଯାଉଥିବା ଅକ୍ଷରଟି ଏବେ ଧୂସର ଦିଶିବ ଏବଂ ଆଉ ଗୋଟିଏ ନୂଆ ଅକ୍ଷର ବେଶି କଳା ଦେଖାଯିବ । ପ୍ରକୃତରେ ସବୁ ଅକ୍ଷରଗୁଡ଼ିକୁ ସମାନଭାବରେ କଳା କରାଯାଇଛି ।

କେବଳ ଗାରଟାଣିବାରେ ଢଗ ବଦଳାଯାଇଛି ମାତ୍ର । ଆମ ଆଖି ଯଦି ପୁରା ଠିକ୍ ଦେଖନ୍ତା ତେବେ ଗାରଟଣା ଢଗ ଆମ ଦୃଷ୍ଟିକୁ ପ୍ରଭାବିତ କରନ୍ତା ନାହିଁ କି ଅକ୍ଷରର କଳାପଣିଆକୁ କମ୍ ବେଶି କରନ୍ତା ନାହିଁ । ଆମ ଆଖି ଆଲୋକରେଖାକୁ ବିଭିନ୍ନ ଢଗରେ ସମାନ ଭାବରେ ପ୍ରତିସରଣ କରେ ନାହିଁ ବୋଲି ଆମେ ଲମ୍ବଗାର, ଆଡ଼ଗାର ଓ ତେଢ଼ାଗାଡ଼କୁ ଗୋଟି ଗୋଟି କରି ଦେଖିପାରୁନା ।


## ଫଟୋଟା ଆମକୁ ଚାହିଁଛି

ଥରେ ଥରେ ଗୋଟିଏ ଗୋଟିଏ ଫଟୋ ଆମକୁ ଚାହିଁ ରହିଥିବାର ଲାଗେ । ଯୁଆଡେ଼ ଯାଅ, ସତେଯେମିତି ସେ ଆମକୁ ଅନାଇଛି । ମୁଁ ଦେଖିଲେ କହିବ କେବଳ ମତେ ଅନାଇଛି, ଆଉ କାହାକୁ ନୁହେଁ । ସିଧା ମତେ ହିଁ ଚାହିଁଛି ।

ଗୋଟିଏ ଗୋଟିଏ ଘୋଡ଼ାର ଛବି ବା ଫଟୋ ଏମିତି ହୋଇଥାଏ, ସତେ ଯେମିତି ଘୋଡ଼ାଟି ମୋ ଆଡ଼କୁ ମାଡ଼ି ଆସୁଛି । ଯେତେ ଚେଷ୍ଟା କଲେ ବି ଘୋଡ଼ାର ଆଖି ମୋ ଉପରୁ ଯାଉନାହିଁ କି ଘୋଡ଼ା ଆଉ କୁଆଡ଼େ ଯାଉନାହିଁ । ଏ ଛବିଟିରେ ସେମିତି ଲୋକଟିର ଆଙ୍ଗୁଳି ମତେ ହିଁ ଦେଖାଉଛି ।




ଏମିତି କାହିଁକି ଘଟେ । ଆଖିର ଠିକ୍ ମଝିରେ ପୋ’ତୋଳାଟା ରଖିଦେଲେ, ଲୋକଟା ସବେଳେ ସିଧାସଳଖ ଆମ ଆଖିକୁ ଚାହିଁଛି ଜଣାପଡ଼ିବ । ତେଣୁ ଆମେ ଯୁଆଡ଼େ ଗଲେ ବି ଫଟୋରେ ଆଖି ମଝିରେ ରହିଥିବ । ସାଧାରଣତଃ ଆମକୁ ନ ଚାହିଁ ଆଉ କୁଆଡ଼େ ଚାହିଁଲେ—ଚାହିଁବା ବାଲାର ଆଖିତୋଳା କଡ଼କୁ ଚାଲିଯାଏ । ତୋଳା ଚାରିପିଠି ଥିବା କଳାବୃତ୍ତ ମଧ୍ୟ କଡ଼େଇଯାଏ । ଫଟୋଟିରେ ଏହା ନ ହେଉଥିବାରୁ ଆମକୁ ମନେହୁଏ ଫଟୋଟିର ଲୋକ ଆଗକୁ ସବୁବେଳେ ଚାହୁଁଛି ।




ଆର୍ଟିଷ୍ଟମାନଙ୍କ କୁଶଳତା ଅକ୍ଷରଗୁଡ଼ିକ ବଙ୍କା ନୁହେଁ : ସିଧା ସ୍କେଲ୍ ପକାଇ ଦେଖ ।


ଅଠାଇଶ ପୃଷ୍ଠାର ପ୍ରଥମ ଛବିଟିକୁ ଲକ୍ଷ୍ୟକର ଦେଖିବ ଏହା ଚକବାଣ ଭଳି ଦିଶୁଛି, ନୁହେଁ ? ପ୍ରକୃତରେ ସେଗୁଡ଼ିକ ଗୋଟିଏ ଗୋଟିଏ ପୂର୍ଣ୍ଣବୃତ୍ତର ଛବି । ଗୋଟିଏ ପେନ୍‌ସିଲ୍‌ର ପତଳା ମୁନ ତାର ଉପରେ ଚଳାଅ, ଦେଖିବ ପ୍ରତ୍ୟେକ ଗୋଟିଏ ଗୋଟିଏ ପୁରା ଗୋଲ ରେଖା ।



କ'ଣ ଦେଖୁଛ ? ଧଳା ଛକମାନଙ୍କ ଗୋଟିଏ ଗୋଟିଏ ଧୂସର ବା ମାଟିଆ ବିନ୍ଦୁ ଦିଶୁଛି, ଲିଭି ଯାଉଛି, ନୁହେଁ ? ପ୍ରକୃତରେ ଛବିଗୁଡ଼ିକ ଧଳା, କଳା ଚଉକାଗୁଡ଼ିକୁ କାଗଜରେ ଯୋଡ଼ାଇ ରଖ, ଦେଖିବ ଛକଗୁଡ଼ାକରେ କିଛି ରଙ୍ଗ ନାହିଁ ।



ସେହିଭଳି କଳାଛକଗୁଡ଼ାକରେ ଅସ୍ପଷ୍ଟ ମାଟିଆ ବର୍ଣ୍ଣମାନ ଦିଶୁଛି । ଆମ ଆଖିରେ ଦେଖିବାର କିଛି କିଛି ଦୋଷ ଅଛି ବୋଲି କଳାକାର-ମାନଙ୍କ ଚିତ୍ର ଆମକୁ ଭଲ ଲାଗେ । ବହୁତ କଳାକାର ଏ କଥା ଜାଣନ୍ତି




ନାହିଁ । ବରଂ ଆମେ ଯେତେବେଳେ କୌଣସି ଗୋଟିଏ ପେଣ୍ଟିଙ୍ଗ ବା ଫଟୋକୁ ଖରାପ ବୋଲି କହୁ, କଳାକାର ବା ଫଟୋଗ୍ରାଫର କହେ, "ତୁମକୁ ଦେଖି ଆସୁନାହିଁ ।" "ଦେଖିଆସିବା" ମାନେ କ'ଣ ?

ସେମାନେ କୁହନ୍ତି, ତୁମର ଆଖି ଯେଉଁଭାବରେ ଦେଖିଲେ ତୁମକୁ ଭଲ ଲାଗିବ ସେହି ଭାବରେ ଦେଖ ।


ଜିନିଷଟା ଯେମିତି ହୋଇଛି ଆମେ ଯଦି ସେମିତି କହିଦେଉ, ସମାଲୋଚକମାନେ ଆମକୁ କଣା କି ଅନ୍ଧ କହିବେ । ଦୁନିଆରେ କଳା ବା ଚିତ୍ରକୁ କେହି ପସନ୍ଦ କରିବେ ନାହିଁ । ଚିତ୍ରକାର ଯେତେ ରକମର ରଙ୍ଗ ମିଶାଉନା କାହିଁକି, ସବୁ ରଙ୍ଗ ଗୋଟିଏ ସମତଳରେ ରହିଯିବ । ଉଚ୍ଚ ଖାଲ ଲାଗିବ ନାହିଁ, ଦୂର ନିକଟ ଜଣାଯିବ ନାହିଁ । ଅର୍ଥାତ୍ କୌଣସି ଜିନିଷ, ପ୍ରାଣୀ ବା ଘଟଣାର ଛବି ଦିଶିବ ନାହିଁ । ଯାହା ଦିଶିବ, ସତେ-ଯେମିତି କାଗଜରେ ପାଠ ଲେଖା ହୋଇଥିବାଭଳି ଜଣାଯିବ ।

ଫଟୋଟିଏ ବା ଚିତ୍ରଟିଏ ଦେଖିଲେ ଆମକୁ ଯେଉଁଭଳି ଭଲ ଲାଗେ, ଆଖିର ଦୋଷ ବା ଭ୍ରମ ନ ଥିଲେ ସେଭଳି ଭଲ ଲାଗନ୍ତା ନାହିଁ ।

ଆଖି ଲୁଚକାଳି ଖେଳି ଆମକୁ ଯେଉଁ ଭ୍ରମ ଦେଖାଏ, ତାହାର ବହୁତ ଉଦାହରଣ ଦେଇହେବ । କିନ୍ତୁ ବାଛି ବାଛି କେତୋଟି ଦେଉଛୁ, ଦେଖ ।




ଏ ଜ୍ୟାମିତି ଚିତ୍ରରେ କ'ଣ ଦେଖୁଛ ? ଗୋଟିଏ ଚତୁର୍ଭୁଜ ଅନ୍ୟଠାରୁ ବଡ଼ । କିନ୍ତୁ ତାହା ମୁଁ ପଚାରୁ ନାହିଁ । କଖ ଓ କଗ ଦୁଇଟି କୋଣରେଖା ଭିତରେ କିଏ ବଡ଼ ? ତୁମେ କହିବ 'କଖ' । କିନ୍ତୁ ମାପି ଦେଖ କଖ ଓ କଗ ସମାନ ଲମ୍ବ । ବଡ଼ଘରେ ଥିବା ଗାର ଅପେକ୍ଷାକୃତ ବଡ଼ ଦେଖାଯାଇଥାଏ ।




କଳା ଓ ଧଳାରେ ଦୁଇଟି ଗୋଲ ଓ ଦୁଇଟି ଚଉକା ଚିତ୍ର ଅଛି । କେଉଁ ଗୋଲ୍, କେଉଁ ଚଉକା ବଡ଼ ? ଦୁଇଟାଯାକ ଗୋଲ ସମାନ, ଦୁଇଟାଯାକ ବର୍ଗାକାର କ୍ଷେତ୍ର ମଧ୍ୟ ସମାନ ।

## ପାଣିଭିତରେ କପରି ଦିଶେ :

ଧର ତୁମେ ପାଣିଭିତରେ ବହୁତ ସମୟ ବୁଡ଼ି ରହି ପାରିବ । ବୁଡ଼ିଥିବା ବେଳେ ଆଖି ଖୋଲି ଚାହିଁଲେ କଣ ଦେଖି ପାରିବ କି ?

ତୁମେ ଭାବୁଥିବ ପାଣି ତ ଖୁବ୍ ସ୍ୱଚ୍ଛ କାଚ ଭଳି, ତେଣୁ ସବୁ ଦେଖିହେବ । ନା, ତା' ନୁହେଁ ।



ଏଇଚ୍. ଜି. ୱେଲ୍‌ସଙ୍କ ଉପନ୍ୟାସ 'ଦ ଇନ୍‌ଭିଜିବ୍‌ଲ୍ ମାନ୍' (ଅଦୃଶ୍ୟ ମଣିଷ) ପଢ଼ିଥିବ । ଯଦି ପଢ଼ି ନାହିଁ, କେବେ ପଢ଼ିଲେ ଜାଣିବ ଯେ ସେ ବହିଟିର ନାୟକ ହେଉଛନ୍ତି ଜଣେ ପଦାର୍ଥ ବିଦ୍ୟାର ପଣ୍ଡିତ । ସେ ମଣିଷକୁ ଅଦୃଶ୍ୟ କରିଦେବାର କଳା (ବା ବିଜ୍ଞାନ) ଜାଣିଥିଲେ ।

ଏହାକୁ ବୁଝିବା ପାଇଁ ଆଲୋକର ପ୍ରତିସରଣ କରିବା ଗୁଣ ଜାଣିବା ଦରକାର । ଆମକୁ କୌଣସି ଗୋଟିଏ ଜିନିଷ ଦିଶେ କାହିଁକି ? ଜିନିଷଟିରେ ଆଲୋକ ରଶ୍ମି ପଡ଼ି ଫେରିଆସି ଆମ ଆଖିରେ ପଡ଼େ ବୋଲି । କ୍ୟାମେରା ଫଟୋ ଉଠାଇବା ଭଳି ଆମ ଆଖି ଜିନିଷର ଛବି କରିନିଏ, ମୁଣ୍ଡ ସେହି ଛବିକୁ ପଢ଼ି ଜିନିଷଟିକୁ ଚିହ୍ନିନିଏ । ଗୋଟିଏ ଜିନିଷର ରଙ୍ଗ ଲାଲ କାହିଁକି ଦିଶେ ? କାରଣ ଜିନିଷଟି ଆଲୋକ ରଶ୍ମିରେ ଥିବା ସାତଟା ରଙ୍ଗ ଭିତରୁ କେବଳ ଲାଲକୁ ଛାଡ଼ି ଆଉ ସବୁ ରଙ୍ଗର ତରଙ୍ଗକୁ ଶୋଷିନିଏ; ଲାଲ ରଙ୍ଗଟିକୁ ଫେରାଇ ଦିଏ; ତାହା ଆସି ଆମ ଆଖିରେ ପଡ଼େ । ରଶ୍ମି ଫେରି ଆସିବାକୁ ଆଲୋକର ପ୍ରତିଫଳନ କୁହାଯାଏ । ହୀରା ବେଶି କିଛି ଆଲୋକ ଶୋଷିନିଏ ନାହିଁ କି ବେଶି କିଛି ପ୍ରତିଫଳନ କରେ ନାହିଁ । ହୀରାର କୋଣରୁ କିଛି କିଛି ଆଲୋକ ପ୍ରତିଫଳନ ହୁଏ, ତେଣୁ ଉଜ୍ଜ୍ୱଳ ଆଲୋକର ଚମକ ଦିଶେ । ଆମେ କହୁଁ ହୀରା ଚକ୍ ଚକ୍ ମାରୁଛି । ସତେ ଯେମିତି ହୀରାରୁ ଆଲୁଅ ବାହାରୁଛି ।

ଯେଉଁ ଜିନିଷ ଆଦୌ ଆଲୋକ ଶୋଷେ ନାହିଁ, ପ୍ରତିଫଳନ କରେନାହିଁ ଓ ପ୍ରତିସରଣ କରେନାହିଁ । ତାହା ଆମ ଆଖିକୁ ଦିଶିବ ନାହିଁ, ।

ଆଉ ଗୋଟିଏ ପରୀକ୍ଷା କରି ଦେଖ । କାଚର କବାଟ ଆମକୁ ଦିଶେ ନାହିଁ । ଖଣ୍ଡେ ପତଳା କାଚ ଘରର କବାଟରେ ଲାଗିଥିଲେ ଆମକୁ ଦିଶେ ନାହିଁ । କିନ୍ତୁ କାଚ ଚୂନା ଚୂନା ହୋଇଗଲେ ଦିଶେ । କାରଣ ଚୂନା ଚୂନା କାଚରେ ପ୍ରତିଫଳନ କରିବାର ପାଖ ବେଶି । କାଚ ଘରରେ ମାତ୍ର ଦୁଇଟି ପାଖ । ଏତେଗୁଡ଼ିଏ ପାଖକୁ ଆଲୋକ ପ୍ରତିଫଳନ, ପ୍ରତିସରଣ

ହେଉଥିବାରୁ ଚୁନାକାଚ ଆଖିକୁ ଦିଶେ । କିନ୍ତୁ ଏହି ଚୁନା କାଚକୁ ଗିଲାସେ ପାଣିରେ ପକାଇଦେଲେ କାଚ ଅଛି ବୋଲି ଜଣାଯିବ ନାହିଁ । କାଚଗୁଣ୍ଡ ଓ ପାଣି ଦୁହିଁଙ୍କର ଆଲୋକ ପ୍ରତିସରଣ କରିବା ଗୁଣ ସମାନ । ତେଣୁ କାଚରେ ଆଲୋକରଶ୍ମି ପଡ଼ି ପାଣି ଭିତରେ ଆସିବା ବେଳେ ପ୍ରତିସରଣ ବା ପ୍ରତିଫଳନ ହୁଏ ନାହିଁ । ଅର୍ଥାତ୍ ପାଣିରେ କାଚକୁ ପକାଇଦେଲେ କାଚ ଅଦୃଶ୍ୟ ହୋଇଯାଏ ।

କିନ୍ତୁ ମଣିଷ କେମିତି ଅଦୃଶ୍ୟ ହେବ ? ସେ ତ କାଚଗୁଣ୍ଡ ନୁହେଁ କି ସେ ପାଣି ଭିତରେ ରହୁନାହିଁ ? ଏହାର ଉପାୟ ଅଛି । ବାୟୁର ଘେରରେ ମଣିଷ ଅଛି । ଯଦି ମଣିଷ ଦେହରେ ବାୟୁର ପ୍ରତିସରଣ ଓ ପ୍ରତିଫଳନ ଗୁଣ ଦିଆଯାଏ ତେବେ ମଣିଷ ଅଦୃଶ୍ୟ ହୋଇଯିବ ।

କାଗଜ ଆମକୁ ଦୃଶ୍ୟ ହେଉଛି । ଯଦି କାଗଜରେ ତେଲ ପଡ଼ିଯାଏ, ତେଲ ପଡ଼ିଥିବା କାଗଜ ଟୁକୁରା ଆମକୁ ଦିଶେ ନାହିଁ । ଦିଶିଲେ, କାଚଭଳି ଦିଶେ । ଏହାର କାରଣ ସାଧା କାଗଜରେ ଥିବା ଅସଂଖ୍ୟ ସୂକ୍ଷ୍ମ କଣା ତେଲ ଦ୍ୱାରା ଭର୍ତ୍ତି ହୋଇଯାଏ, ତେଣୁ ପ୍ରତିଫଳନ ବା ପ୍ରତିସରଣ ହୁଏ ନାହିଁ; କେବଳ କାଗଜର ଉପର ଭାଗରୁ ପ୍ରତିଫଳନ ଓ ପ୍ରତିସରଣ ହୁଏ । ଯେମିତି କାଚ ଗୁଣ୍ଡରେ ହୁଏ । ଅର୍ଥାତ୍ ତେଲିଆ କାଗଜ କାଚଭଳି ସ୍ୱଚ୍ଛ । ସେହିଭଳି କିଛି ଗୋଟିଏ ବ୍ୟବସ୍ଥା କରି ୱେଲ୍ସଙ୍କ ନାୟକ, ପଦାର୍ଥ ବିଦ୍ୟାର ପଣ୍ଡିତ, ମଣିଷ ଦେହର ପ୍ରତ୍ୟେକ କୋଷକୁ ସ୍ୱଚ୍ଛ କରି ଦେଉଥିବ ।

ମଲ୍ ମାଛ, । , ଏପରିକି ମଣିଷର ଅଙ୍ଗ ଓ ଦେହରୁ ବିଭିନ୍ନ ରଙ୍ଗ ଉଡ଼ାଇଦେଇ କେବଳ ଧଳା କରିହେବ । ବେଶି ସମୟ ପାଣିରେ ବୁଡ଼ି ରହିଲେ ଆମ ଗୋଡ଼ ବା ହାତର ଚମ ଯେମିତି ଧଳା ହୋଇଯାଏ, ବ୍ଲିଚିଙ୍ଗ କରି ଓ ଧୋଇ ମୃତ ଅଙ୍ଗକୁ ମିଥାଇଲ ସାଲିସିଲେଟ୍ ନାମକ ଏକପ୍ରକାର ସ୍ୱଚ୍ଛ ତରଳ ପଦାର୍ଥରେ ଭିଜାଇ ଦେଲେ, ମୃତ ଅଙ୍ଗଟି ମିଥାଇଲ୍ସାଲିସିଲେଟ୍ର ପ୍ରତିଫଳନ ଓ ପ୍ରତିସରଣ ଗୁଣ ପାଇଯିବ ।


କାଚହାଣ୍ଡିରେ ସେହି ତରଳ ପଦାର୍ଥ ଭିତରେ ଜିନିଷଟିକୁ ରଖିଲେ ତାହା ଅଦୃଶ୍ୟ ହୋଇଯିବ । ମୃତଜନ୍ତୁ ବା ଅଙ୍ଗ ଉପରେ ପରୀକ୍ଷା କରି ତାକୁ ବୈଜ୍ଞାନିକମାନେ ଅଦୃଶ୍ୟ କରିପାରିଲେଣି । କିନ୍ତୁ ଜୀବନ୍ତ ମଣିଷ ଉପରେ ଏ ପରୀକ୍ଷା ହୋଇନାହିଁ ।

ଆଉ ଗୋଟିଏ ସମସ୍ୟା ବି ଅଛି । ଯଦି ମଣିଷ ଅଦୃଶ୍ୟ ହୁଏ ତେବେ ତା'ର ଶରୀରର ପ୍ରତିଫଳନ, ପ୍ରତିସରଣ ଗୁଣ ବାୟୁର ପ୍ରତିଫଳନ, ପ୍ରତିସରଣ ଗୁଣ ସାଙ୍ଗେ ସମାନ ହେବାକୁ ପଡ଼ିବ । ତା'ହେଲେ ତା' ଆଖିର ପୋଡ଼ୋଳା ଆଦି ବି ସେଇଆ ହେବ । ସେ ବାହାର ଜିନିଷ ଦେଖି ପାରିବ ନାହିଁ । ଅର୍ଥାତ୍ ଅଦୃଶ୍ୟଲୋକ ପାଇଁ ସବୁ ଜିନିଷ ବି ଅଦୃଶ୍ୟ ହୋଇଯିବ । ଯଦି ତା'ର ଆଖି ଦୁଇଟି ଅଦୃଶ୍ୟ ନ ହୁଏ ସେ ଦେଖି ପାରିବ ସିନା, ଅନ୍ୟମାନେ ବି ତା' ଆଖି ଦୁଇଟାକୁ ଦେଖି ପାରିବେ । ତେଣୁ ସେ ୱେଲସ୍‌ଙ୍କ ନାୟକ ଭଳି ଅଜଣା, ଅଦେଖା ଯୁଆଡ଼େ ସିଆଡ଼େ ଯାଇପାରିବ ନାହିଁ । ତା' ଆଖି ଦୁଇଟା ତାକୁ ଧରେଇଦେବ ।

ଯେହେତୁ ପାଣିର ଓ ମଣିଷ ଆଖିର ପ୍ରତିଫଳନ ଓ ପ୍ରତିସରଣ ଗୁଣ ସମାନ, ମଣିଷ ପାଣି ଭିତରେ ବୁଡ଼ିରହି ଆଖି ଖୋଲିଲେ କିଛି ଦେଖିପାରିବ ନାହିଁ । ପାଣିର ପ୍ରତିସରଣ ସୂଚନା ହେଉଛି ୧.୩୪, ମଣିଷ ଆଖିର ମଧ୍ୟ ପ୍ରତିସରଣ ସୂଚନା ୧.୩୫ ଓ ପାଖାପାଖି । ତେଣୁ ବୁଡ଼ାଳିମାନେ ପାଣିଭିତରେ ଦେଖିବା ପାଇଁ ସ୍ୱତନ୍ତ୍ର ଚଷମା ପିନ୍ଧନ୍ତି ।

ପାଣି ଯଦି ସ୍ୱଚ୍ଛଥାଏ, ତେବେ ପାଣି ଭିତରେ ଥିବା ଯେ କୌଣସି ଜିନିଷ ଉଚ୍ଚରେ ଥିବା ଭଳି ଦେଖାଯାଏ । ପୋଖରୀର ବା ନଈର ତଳ ପ୍ରାୟ ଏକ ତୃତୀୟାଂଶ ଉପରକୁ ଉଠିଆସେ । ଅର୍ଥାତ୍ ପ୍ରକୃତ ଗଭୀରତା ଦେଢ଼ମିଟର ଥିଲେ, ଆଖିକୁ ଗୋଟିଏ ମିଟର ଜଣାପଡ଼େ । ଏ କଥା ଜାଣି ନ ଥିବା ଲୋକ ଖରାଦିନିଆ ନଦୀ ପାର ହେଲାବେଳେ ତଳ ବାଲିର ଗଭୀରତା କାମ୍ ଭାବି ନଦୀ ଭିତରକୁ ପଶି ଯାଇପାରେ ।


ଏହି କାରଣରୁ ଗିଲସ ପାଣିରେ ପଡ଼ିଥିବା ଗ୍ଲାସର ଉପରକୁ ଥିଲା ଭଳି ଲାଗେ ଏବଂ ପାଣିଧାରରୁ ବଙ୍କିଗଲା ଭଳି ଦିଶେ ।




ଅଣ୍ଟି ବା ତପ୍ତପାଣି ଉତ୍ସ ପ୍ରସ୍ରବଣରେ ଗୋଟିଏ ଗୋଟିଏ କୁଅ ବା କୁଣ୍ଡ କରାହୋଇ ପାଣି ରଖା ଯାଇଛି । ଲୋକେ ଧର୍ମ କରିବା ପାଇଁ ସେଥିରେ ପଇସା ପକାନ୍ତି । ସ୍ୱଚ୍ଛପାଣିରେ ପଇସାଗୁଡ଼ିକ ଖୁବ୍ ପାଖରେ ଥିବାଭଳି ଜଣାଯାଏ । କିନ୍ତୁ ହାତବଢ଼ାଇଲେ ପାଇବ ନାହିଁ ।

## ଦୃଷ୍ଟିକ୍ଷେତ୍ର


ମଣିଷର ଆଖି ଦିଓଟି । ଦୁଇଟିଯାକ ଆଖି ପ୍ରାୟ ଏକ ପ୍ରକାର ଓ ଏକଅଞ୍ଚଳ ଦେଖନ୍ତି । ବାଁ ଡାହାଣ ଭିତରେ ସାମାନ୍ୟ ଫରକ ଥାଏ ।



କିନ୍ତୁ ଅନ୍ୟ ଜନ୍ତୁମାନେ ପ୍ରତ୍ୟେକ ଆଖିରେ ଭିନ୍ନ ଭିନ୍ନ ଦେଖନ୍ତି । ଆମେ ଯେପରି ଜିନଷର ତିନପାଖ (ଓସାର, ଲମ୍ବ, ଉଚ୍ଚ) ଦେଖୁ ବା ଖାଲଢ଼ିପ ବାରିପାରୁ, ଅନ୍ୟ ଜନ୍ତୁମାନେ ପ୍ରାୟ ସେପରି ବାରିପାରନ୍ତି ନାହିଁ, କିନ୍ତୁ ସେମାନଙ୍କ ଦୃଷ୍ଟିକ୍ଷେତ୍ର ମଣିଷଠାରୁ ଖୁବ୍ ବେଶି ପ୍ରଶସ୍ତ । ମଇଁଷିର ପ୍ରତ୍ୟେକ ଆଖି ୧୬୦ ଡିଗ୍ରୀ କୋଣ ଭିତରେ ପ୍ରସ୍ଥ ଭାବରେ ଦେଖେ— ବାଁରୁ ଡାହାଣ; କିନ୍ତୁ ଉପର ତଳ ନୁହେଁ । ଉପର ତଳ ଦେଖିବାକୁ ମୁଣ୍ଡ ଉପରତଳ କରିବାକୁ ପଡ଼ିବ । ଦୁଇଟିଯାକ ଆଖି ମିଶି ପ୍ରାୟ ୧୩୪ ଡିଗ୍ରୀ କ୍ଷେତ୍ରର ଦୃଶ୍ୟ ଦେଖି ପାରନ୍ତି ।



କିନ୍ତୁ ଠେକୁଆ ତାର ଦୁଇଟି ଆଖିରେ ପ୍ରାୟ ଚାରିଆଡ଼ ଦେଖିପାରେ, ମୁଣ୍ଡ ନ ବୁଲାଇ ମଧ୍ୟ ଠେକୁଆ ପଛ ଦେଖିପାରେ । ତେଣୁ ଲୁଚି ଲୁଚି ଆସି ପଛରୁ ଠେକୁଆକୁ ଧରିବ ବୋଲି ତୁମେ ଯଦି କେବେ ଆଶା କରୁଥାଅ, ସେ ଆଶା ବୃଥା । ଠେକୁଆ ଜାଣିପାରିବ ।




ଖିଆଯାଉଥିବା ଜନ୍ତୁମାନେ, ପାକୁଳି କରୁଥିବା ଜନ୍ତୁମାନେ ଏହି ପ୍ରକାରର ଦୃଷ୍ଟି ପାଇଥାନ୍ତି । ହିଂସ୍ରଜନ୍ତୁମାନେ ଲୁଚି ଲୁଚି ଆସି ପଛରୁ ଆକ୍ରମଣ କରିପାରନ୍ତି, ତେଣୁ ଭଗବାନ ସେମାନଙ୍କୁ ଏପରି ଆଖି ଓ ଦୃଷ୍ଟିକ୍ଷେତ୍ର ଦେଇଛନ୍ତି । ଘୋଡ଼ାର ଦୃଷ୍ଟିକ୍ଷେତ୍ର ଠେକୁଆଠାରୁ କମ୍ । କିନ୍ତୁ ଟିକେ ମୁଣ୍ଡ ବୁଲାଇଦେଲେ ଘୋଡ଼ା ପଛ ବି ଦେଖି ପାରିବ । ଏହି ଜାତିର ଜନ୍ତୁମାନେ ଅନ୍ୟମାନଙ୍କୁ ବା ଜିନଷକୁ ଭଲଭାବେ ଚିହ୍ନିପାରନ୍ତି ନାହିଁ, କିନ୍ତୁ ଜନ୍ତୁ ହଲଚଲ ହେବା, ଜାଣିପାରନ୍ତି ।

ଅନ୍ୟପକ୍ଷରେ ଶିକାରୀ ଜନ୍ତୁମାନେ ମଣିଷ ଭଳି ଦୁ'ଆଖିଆ ଦୃଷ୍ଟିକ୍ଷେତ୍ର ପାଇଛନ୍ତି । ଶିକାର କେତେଦୂରରେ ଅଛି ହିସାବ ନ କରିପାରିଲେ ମାଡ଼ିବସିବାକୁ ହେଇଁବ କିପରି ?

ଏବେ ବୁଝିଲ ତ, ଘୁରିଆଡ଼ ଦୃଷ୍ଟିଠାରୁ ଦୁଇଆଖିଆ ଦୃଷ୍ଟି କେତେ କାମିକା ?

ଏତେ ଭଲ ଦୃଷ୍ଟି ଥିଲେ ମଧ୍ୟ ଆମର ଆଖିରେ ଗୋଟିଏ ଅନ୍ଧବିନ୍ଦୁ ଅଛି । ଦୃଷ୍ଟିକ୍ଷେତ୍ର ଭିତରେ ଏମିତି ଗୋଟିଏ ଜାଗା ଅଛି ଆମେ ଦେଖିପାରୁନା । ଅଭ୍ୟାସରେ ପଡ଼ିଯାଇଛୁ ବୋଲି ଆମେ ଏ ଦୋଷ ଧରିପାରୁ ନାହୁଁ



ଏହି ଛବିଟିକୁ ପ୍ରାୟ ୨୦ ସେଣ୍ଟିମିଟର ଦୂରରେ ଡାହାଣ ଆଖି ସାମନାରେ ରଖ । ବାଁ ଆଖିକୁ ପାପୁଲିରେ ବୁଜିରଖ । ତା' ବାଁ ପାଖ ଛକକୁ ଲକ୍ଷ୍ୟ କର । ଆସ୍ତେ ଆସ୍ତେ ଛବିଟିକୁ ଆଖି

ପାଖକୁ ଆଣ । ଗୋଟିଏ ଦୂରତାକୁ ଆସିଗଲେ ଦୁଇ ବୃତ୍ତର ମିଳନ ସ୍ଥାନର ଏତେ ବଡ଼ କଳାଟୋପାଟା ଉଭେଇଗଲା ଭଳି ଲାଗିବ । ଦୃଷ୍ଟିକ୍ଷେତ୍ର ଭିତରେ ଥିଲେ ବି ଏହା ଦିଶିବ ନାହିଁ । ଏହି ଦୂରତା ହିଁ ଆମ ଦୃଷ୍ଟିକ୍ଷେତ୍ରର ଅନ୍ଧ ବିନ୍ଦୁ ।

## ଆମ ଆଖିକୁ ଚିହ୍ନିବା ଦରକାର

ବଡ଼ ମଣିଷଙ୍କ ଆଖି ଯେମିତି ଜନ୍ମହେଲାବେଳେ ଛୁଆର ଆଖି ସେହିଭଳି ଥାଏ । ଛୁଆର ଆଖି କେବଳ ଆଲୋକ ଓ ଛାଇ ଦେଖିପାରେ । ପ୍ରଥମ କେଇ ମାସ ସେ କେବଳ ଦୂର ଜିନିଷ ଦେଖିପାରେ ।

ଲକ୍ଷ ଲକ୍ଷ ବର୍ଷ ତଳେ ମଣିଷ ଆଜିର ବଣଜନ୍ତୁଙ୍କ ଭଳି ଜଙ୍ଗଲରେ ଥିଲା; କିନ୍ତୁ ହିଂସ୍ରଜନ୍ତୁଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗୁମ୍ଫା ଭିତରେ ରହୁଥିଲା । ସେତେବେଳେ ଦୂର ଜିନିଷ ଦେଖିବା ଭଳି ଦୃଷ୍ଟି ଦରକାର ଥିଲା । କାରଣ ଗୁମ୍ଫାର ଅନ୍ଧକାର ଭିତରେ ରହି ପାଖରେ କିଛି ଦେଖିବା ଦରକାର ନ ଥିଲା । ଏହି ବଂଶଗୁଣନେଇ ମଣିଷ ଛୁଆ ଜନ୍ମ ହେଲା । ତେଣୁ ଜନ୍ମର କେଇମାସ ପରେ ତା'ର ଦୂର ଦୃଷ୍ଟି ଥାଏ ।

ଛୋଟପିଲାର ଖେଳନା ତା' ଆଖି ପାଖରେ ହଲାଇବା ଭୁଲ । ସେ ଚିହ୍ନିପାରିବ ନାହିଁ । ତା' ମୁହଁଠାରୁ ଯେତେ ଦୂରରେ ରଖିବ ସେତେ ଭଲ । ଛୁଆର ଆଖିରେ ଆଉ ଗୋଟିଏ ଦୋଷ ଥାଏ । ବାଁ ଆଖି ଏଆଡ଼େ ଅନାଉଛି ତ ଡାହାଣ ଆଖି ସେଆଡ଼େ । ଏହା ଦେଖି ମା'ମାନେ ବ୍ୟସ୍ତ ହୁଅନ୍ତି, କିନ୍ତୁ ବ୍ୟସ୍ତ ହେବା ଦରକାର ନାହିଁ । ଜନ୍ମର ପାଞ୍ଚ ଛ' ମାସ ଭିତରେ ଆଖି ଦୁଇଟି ମେଳ ରଖି ଦେଖିବା ଆରମ୍ଭ କରନ୍ତି ୬ ବର୍ଷ ବେଳକୁ ପିଲାର ଦୃଷ୍ଟିଶକ୍ତି ଖୁବ୍ ଭଲ ହୋଇଯାଇଥାଏ । ଆଠବର୍ଷ ହେଲାବେଳକୁ ପିଲାର ଦୃଷ୍ଟିଶକ୍ତି ସବୁଠାରୁ ବଢ଼ିଆ ହୋଇଯାଏ । ତା' ପରେ ଆଉ ବଢ଼େ ନାହିଁ ।


ପିଲାମାନେ କମ୍ ଆଲୁଅରେ ପାଠ ପାରନ୍ତି କମ୍ ଆଲୁଅରେ ପାଠ ପଢ଼ିବାରୁ ବାପା ମା' ଗାଳି ଦିଅନ୍ତି, "ତୁ ଆଖି ଖରାପ କରିଦେବୁ କି?" ପ୍ରକୃତରେ ଏଥିଲାଗି ଚିନ୍ତା କରିବା ଦରକାର ନାହିଁ । ଛୁଆମାନେ କମ୍ ଆଲୁଅରେ ଦେଖିପାରନ୍ତି । ବଡ଼ ମଣିଷକୁ କଷ୍ଟ ହୁଏ । ଛୁଆର ଆଖି ଖରାପ ହୁଏନାହିଁ

ଆଖି ଭିତରେ ଖୁବ୍ ପତଳା ପତଳା ମାଂସପେଶୀ ଅଛି । ହାଲୁକା ହେଲେ କ'ଣ ହେବ ଏହି ମାଂସପେଶୀଗୁଡ଼ିକ ଖୁବ୍ ଶକ୍ତ । ବିଭିନ୍ନ ଜିନିଷ ଭଲକରି ଦେଖିବା ପାଇଁ ଗୋଟିଏ ସାଧାରଣତ ଆଖି ପ୍ରାୟ ଲକ୍ଷେଥର ଏପାଖ ସେପାଖ ହୋଇଥାଏ । ତୁମେ ଗୋଡ଼ରେ ଚାଲନ୍ତ ମାଂସପେଶି ଏତିକି ବ୍ୟାୟାମ କଲେ ୮୦ କିଲୋମିଟର ଚାଲିବା ସଙ୍ଗେ ସମାନ ହୁଅନ୍ତା ।

ମଟର ଗାଡ଼ି ଦେଖିଛ ? ଗାଡ଼ିର ଆଗ କାଚ ଉପରେ ଦୁଇଟି ପାଣି-ପୋଛା ବାଡ଼ି ଅଛି । ଇଂରାଜୀରେ କହନ୍ତି ଓ୍ୱାଇପର (wiper) । ବର୍ଷା ସମୟରେ ଏହା ହଲୁଥିବାର ଦେଖିଥିବ । ଆଖିର ଆଖିପତା ଏହି ବାଡ଼ି ଭଳି କାମ କରେ । ଆଖିରେ ଲୁହ ବୋହିବା ପାଇଁ କେତେଗୁଡ଼ିଏ ଗ୍ରନ୍ଥି ଅଛି । ଆମେ ଆଖି ପିଛୁଡ଼ିବାବେଳେ ଆଖିପତା ପୋଛିଲାକୁ ଧୋଇଦିଏ । ଆମେ ପ୍ରତି ମିନିଟରେ ୩ରୁ ୬ ଥରଯାଏ ଆଖି ପିଛୁଳାଉ । ମଣିଷ କ୍ଲାନ୍ତ ହୋଇଗଲେ ଆଖି ପିଛୁଳାଇବା ସଂଖ୍ୟା ବଢ଼ିଯାଏ । ଯେତେବେଳେ ପତା ପଡ଼ିଯାଏ, ସେତେବେଳେ ଆଖି ବିଶ୍ରାମ ନିଏ ।

ଭିନ୍ନ ଭିନ୍ନ ଜୀବାଣୁକୁ ମାରିଦେବା ଭଳି ଗୋଟିଏ ରସ ଆଖିର ଲୁହରେ ଥାଏ । ତାକୁ ଲାଇସୋଜାଇମ୍ (Lysozyme) କହନ୍ତି ।

ତଳଲିଖିତ ପୃଷ୍ଠାର ଛବିଟିକୁ ଦେଖ, ଆଖିକୁ ରକ୍ଷା କରିବା ପାଇଁ କପର ଗୋଟିଏ ହାଡ଼ର ଗୁମ୍ଫା ତିଆରି ହୋଇଛି । ଉପରେ ମଥାର ହାଡ଼, ତଳେ ଗାଲର ହାଡ଼ । ଆଖିର ସ୍ନାୟୁଗୁଡ଼ିକ ଏପରି ଶୀଘ୍ର ଯେ ବାହାରୁ ଗୋଟିଏ ଜିନିଷ ପଡ଼ିବା ପୂର୍ବରୁ ପତାକୁ ବନ୍ଦ କରିଦିଅନ୍ତି । କିନ୍ତୁ ଆମେ ସ୍ୱାଡ଼େସିଆଡ଼େ ଲାଗିଥିବାବେଳେ, ଅର୍ଥାତ୍ ଅନ୍ୟମନସ୍କ ଥିବାବେଳେ ଆଖିରେ ଧୂଳି ବା କୁଟା ପଡ଼ିଯାଏ ।




ଏଥିରୁ କ'ଣ ବୁଝିଲ ? ଆମେ କେବଳ ଆଖିରେ ଦେଖୁନା । ପ୍ରକୃତରେ ଆମ ମସ୍ତିଷ୍କ ଦେଖେ । ଆଖିଟି ଗୋଟିଏ ଯନ୍ତ୍ର ଭଳି କାମ କରେ ।

କେବେ ତୁମେ ମୁଣ୍ଡରେ ଜୋର୍ ଗୁମୁଡ଼ାଏ ଖାଇଛ ? ସେତେବେଳେ ଖାଲି ଜୁ ଲୁଜୁଳିଆ ପୋକ ଗୁଡ଼ାଏ ଉଡ଼ୁଥିବାର ଦେଖାଯିବ । ଚାପୁଡ଼ାରେ ଆଖି ମୁଣ୍ଡ ଭିତରକୁ ଯାଉଥିବା ତାରଗୁଡ଼ିକ ଖୁବ୍ ଜୋର୍‌ରେ ହଲିଯାଏ ବୋଲି ଆମେ ଏମିତି ଦେଖୁ । ଏହି ତାରାଗୁଡ଼ିକ ଆମେ ସ୍ନାୟୁ କହୁଛୁ ।

ଜଣେ ଜଣେ ଲୋକ ଗାଡ଼ି ଦୁର୍ଘଟଣାରେ ମାଡ଼ ଖାଇଗଲେ ତାଙ୍କୁ କିଛି ଦିଶେ ନାହିଁ । କାରଣ ତାଙ୍କ ମୁଣ୍ଡର ପଛପଟେ ଚୋଟ ପ୍ରବଳ ମସ୍ତିଷ୍କର ଦେଖିବା ସ୍ନାୟୁ ଦୁର୍ବଳ ହୋଇଯାଇଥାଏ ଆଖି ଥାଇ ବି ସେ ଅନ୍ଧ ।

ଆଉ ଦୁଇଟି ଉଦାହରଣ ଶୁଣିଲେ ତୁମେ ଜାଣିପାରିବ ଯେ ମସ୍ତିଷ୍କ ଦେଖେ, ଆଖି ଦେଖେ ନାହିଁ । କୁଆଡ଼େ କିଛି ଗୋଟାଏ ଜିନିଷକୁ ବେଶି ସମୟ ଅନାଇ ରହିଲେ, ଆଖି ବୁଜି ଦେଲା ପରେ ବି ତାହା ଦେଖାଯାଏ । ଆଉ ଶୋଇଥିଲାବେଳେ ଆମେ ଯେଉଁ ସ୍ୱପ୍ନ ଦେଖୁ ତାକୁ ତ ଆଖି ଦେଖେ ନାହିଁ; ମସ୍ତିଷ୍କ ଦେଖେ । ଯେଉଁମାନେ ଅନ୍ଧ ସେମାନେ ବି ସ୍ୱପ୍ନ ଦେଖନ୍ତି । ଛୁଇଁବା, ଶୁଣିବା, ଶୁଙ୍ଘିବା ଭଳି କାମରେ ଅନ୍ଧଟି ଯେଉଁ ଛବି ପାଇଥାଏ ତାହା ହିଁ ସ୍ୱପ୍ନରେ ଦେଖେ ।

ତୁମେ ଯେତେବେଳେ କୌଣସି ଜିନିଷ ଦେଖୁଛ, ତହିଁରୁ ଆଲୋକ ଆସି ଆଖିର ଲେନ୍ସ ଉପରେ ପଡ଼େ । ସାଙ୍ଗେ ସାଙ୍ଗେ ଆଖିର ଝିଲ୍ଲୀ ନିଜକୁ ସଜାଡ଼ି ନେଇ ଜିନିଷଟିକୁ ଦେଖିବାକୁ ସଜ ହୋଇଯାଏ । ଆମେ କହୁ ରେଟିନା ଲକ୍ଷ୍ୟକୁ ଆସିଗଲା । ଲକ୍ଷ୍ୟକୁ ଇଂରାଜୀରେ ଫୋକସ୍ କହନ୍ତି । ପିଆଜ ଚୋପା ଭଳି ପତଳା ଝିଲ୍ଲୀଟିକୁ ରେଟିନା କହନ୍ତି । ଝିଲ୍ଲୀଟି ଖୁବ୍ ପତଳା ହେଲେ କ'ଣ ହେଲା ସେଥିରେ ବହୁତ ଜିନିଷ ଖୁନ୍ଦି ହୋଇ ରହିଛି । ମଣିଷର ମସ୍ତିଷ୍କ ଛଡ଼ା ଆଉ କୋଉଠି ଏତେ ଜିନିଷ ଖୁନ୍ଦିହୋଇ ରହିନାହିଁ । କଳା ଧଳା ଦୃଶ୍ୟ ଦେଖିବା ପାଇଁ ପ୍ରାୟ ୧୩ କୋଟି ଖାଡ଼ି ଅଛି । ଆଉ ରଙ୍ଗିନ୍ ଛବି ଦେଖିବା ପାଇଁ ୭୦ ଲକ୍ଷ ଶଙ୍କୁ ଅଛି । ଝିଲ୍ଲୀ ସାରା ଏହା ବ୍ୟାପୀ ରହିଛି ।

ଧର, ରାତିରେ ଗୋଟିଏ ଜୁଳୁଜୁଳିଆ ପୋକ ତୁମ ଆଖି ଆଗରେ ଉଡ଼ିଗଲା । ଜୁଳୁଜୁଳିଆର ଆଲୁଅ ଆଖି ଆଗରେ ପଡ଼ିଗଲା କ୍ଷଣି ଝିଲ୍ଲୀର ଖାଡ଼ିରେ ଥିବା ରଙ୍ଗ ଧଳା ହୋଇ ଯାଏ । ଏହି ପରିବର୍ତ୍ତନ ଯୋଗୁଁ ଖୁବ୍ କ୍ଷୀଣ ବିଜୁଳି ସୁଅ ଛୁଟେ । ଏହି ସୁଅର ବେଗ ଘଣ୍ଟାକୁ ୪୫୦ କିଲୋମିଟର । ସ୍ନାୟୁ ବାଟେ ଏହି ସୁଅ ମସ୍ତିଷ୍କରେ ପହଞ୍ଚେ । ମସ୍ତିଷ୍କ ସାଙ୍ଗେ ସାଙ୍ଗେ ଏହି ସଙ୍କେତକୁ ଚିହ୍ନିନିଏ ଓ ଆମେ ଗୋଟିଏ ଜୁଳୁଜୁଳିଆ ଦେଖୁଛୁ ବୋଲି ରାୟ ଦିଏ । ଏତେ କାମ ଘଟିବାକୁ ସେକେଣ୍ଡର ୫୦୦ ଭାଗରୁ ଭାଗେ ସମୟ ଲାଗେ ।

ଶଙ୍କୁଗୁଡ଼ିକ ଆଖି ପଛଆଡ଼େ ଥାଏ। ବସ୍ତୁ ପଢ଼ିବା ବା ରଙ୍ଗ ଦେଖିବା ଭଳି ସୂକ୍ଷ୍ମ ଦୃଷ୍ଟି ପାଇଁ ଏହା ଦରକାର। ଯଦି ଆମ ମସ୍ତିଷ୍କ ଆମେ କି ରଙ୍ଗ ଦେଖୁଛୁ କହି ନ ପାରିଲା, ଲୋକେ ଆମକୁ ଅନ୍ଧାରକଣା କହିବେ। ହିସାବରୁ ଦେଖା ଯାଇଛି ପ୍ରତି ଆଠ ଜଣରୁ ଜଣେ, କିଛି କିଛି ପରିମାଣରେ ଅନ୍ଧାରକଣା ହୋଇଥାଏ। ଆଲୁଅ କମିଗଲେ ଆଖିର ଶଙ୍କୁଗୁଡ଼ିକର କାମ ବି କମିଯାଏ; ସବୁ ଜିନିଷ କାଳିଆ କାଳିଆ ଦେଖାଯାଏ।

ଆମ ଆଖିର କାମ ଆଜିକାଲି ବଢ଼ିଯାଇଛି। ପୁରାଣ ଯୁଗରେ ମଣିଷ ଖାଲି ଶିକାର କରୁଥିଲା କି ଯୁଦ୍ଧ କରୁଥିଲା। ତେଣୁ ଲକ୍ଷ୍ୟ ଦୂରରେ ଥିଲା। ଏବେ ଆମକୁ ବହୁତ ଜିନିଷ ପାଖରେ ଦେଖିବାକୁ ପଡ଼ୁଛି; ଖୁବ୍ ଛୋଟ ଛୋଟ ଜିନିଷକୁ ବି। ଏଥିପାଇଁ ଆଖିକୁ ବହୁତ ପରିଶ୍ରମ କରିବାକୁ ପଡ଼ୁଛି। ଏଭଳି କାମ ପାଇଁ ମଣିଷର ଆଖି ତିଆରି ହୋଇ ନ ଥିଲା। ଭବିଷ୍ୟତରେ ବଂଶଧରଙ୍କ ଆଖିରେ ବୋଧହୁଏ ନିକଟଦୃଷ୍ଟି ବଢ଼ିଯିବ।

ବେଳେ ବେଳେ ଆମ ଆଖି ଗୋଟିଏ ଜିନିଷ ଉପରେ ଲକ୍ଷ୍ୟ ରଖିପାରେ ନାହିଁ। ଏହାକୁ ସୁଧାରିବା ପାଇଁ ଆମେ ଚଷମା ପିନ୍ଧୁ।

ଆଖି ଭିତରୁ ଯେଉଁ ରସ ବାହାରୁ ଥାଏ, ତାହା ଯଦି ବେଶି ବୋହି କମ୍ବା କମ୍ ନିଷ୍କାସିତ ହୁଏ ତେବେ ଆଖିର ସ୍ନାୟୁ ଉପରେ ଚାପ ପଡ଼ିବ ଓ ସେଠିକୁ କମ୍ ରକ୍ତ ଆସିବ; ଆମକୁ ଜାଲ୍ ଜାଲୁଆ ଦେଖାଯିବ। ଏହି ରୋଗକୁ ଗ୍ଲୁକୋମା କହନ୍ତି। ଏହି ରୋଗ ଧିରେ ଧିରେ ଆସେ। ଏହା ହେଲେ ଆମକୁ ଖାଲି ଗୋଲ ଗୋଲ ଆଲୁଅ ଦେଖାଯିବ। ଦୁଇକଡ଼ ଦିଶିବ ନାହିଁ। ଅନ୍ଧାରରେ ଦେଖିବା କଷ୍ଟ ହେବ। ଏହାକୁ ଏଡ଼ାଇବା ପାଇଁ ବର୍ଷକୁ ଥରେ ଆଖିର ପରୀକ୍ଷା କରିନେବା ଉଚିତ।

ଆମ ଆଖିରେ କାଚଭଳି ଯେଉଁ ଲେନ୍ସ ଅଛି ତାହା ବେଳେ ବେଳେ ମେଘୁଆ ହୋଇଯାଏ। ବେଶି ମେଘୁଆ ହେଲେ ଆମେ ଅନ୍ଧ ହୋଇଯିବା। ଯଦି ଲେନ୍ସ ଖରାପ ହୋଇଯାଏ ତେବେ କ୍ୟାଟାରାକ୍ଟ ଅପରେସନ୍ କରିବାକୁ ପଡ଼େ ଓ ମୋଟା କାଚର ଚଷମା ଲଗାଇବା ଦରକାର ହୁଏ।